## ସଂକ୍ଷେପରେ

### ୮ରେ ଚଣ୍ଡିଖୋଲରେ ଖୋଲିବ ନୂତନ ଏଡିଜେ କୋର୍ଟ

ଚଣ୍ଡିଖୋଲ,୩।୧ (ପ୍ରଦୀପ୍ତ କୁମାର ପୃଷ୍ଟି)

ଆସନ୍ତା ୮ ତାରିଖରେ ଚଣ୍ଡିଖୋଲଠାରେ ନୂତନ ଅତିରିକ୍ତ ଜିଲା ଦୌରାଜଜ (ଏଡିଜେ) କୋର୍ଟ ଖୋଲିବ। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭିଡିଓ କନଫରେନ୍ସ ଜରିଆରେ ଏହାର ଉଦ୍‌ଘାଟନ କରିବେ। ଏନେଇ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ୧ ତାରିଖରେ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନର ସଭାପତି ଦେବରାଜ ବେହେରା ଓ ସମ୍ପାଦକ ପ୍ରକାଶ ଦାସ ମୁଖ୍ୟ ବିଚାରପତିଙ୍କୁ ଭେଟି ଆଲୋଚନା କରିଥିଲେ। ପୂର୍ବରୁ ଏଡିଜେ କୋର୍ଟ ଖୋଲିବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିଲା ଓ ଜଜଙ୍କୁ ମଧ୍ୟ ନିଯୁକ୍ତି ପ୍ରଦାନ ନେଇ ଘୋଷଣା ସରିଥିଲା। ତେବେ କେଉଁ ଦିନ ଖୋଲିବ ସେଥିନେଇ ଉତ୍କଣ୍ଠା ପରିଲକ୍ଷିତ ହୋଇଥିଲା। ଏବେ ବିଜ୍ଞପ୍ତି ପ୍ରକାଶ ପରେ ଚଣ୍ଡିଖୋଲ କୋର୍ଟର ଓକିଲମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇବା ସହ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଏଠାରେ ଏଡିଜେ କୋର୍ଟ ଖୋଲିବା ଦ୍ୱାରା ୫ ଥାନା ଅଧୀନରେ ଥିବା ସାଧାରଣ ଲୋକ ଆଉ ଯାଜପୁରକୁ ଯିବାକୁ ପଡ଼ିବନି ବୋଲି କୁହାଯାଇଛି।

### ବିଜେଡି ନେତାଙ୍କ ପରଲୋକ

ବିଞ୍ଝାରପୁର,୩।୧ (ରାମକୃଷ୍ଣ ଦାସ)

ବିଞ୍ଝାରପୁର ବ୍ଲକ ବିଜେଡିର ବରିଷ୍ଠ ନେତା ଗଣିନାଥ ନାୟକ (୭୫)ଙ୍କ ଗୁରୁବାର ରାତିରେ ପରଲୋକ ହୋଇଯାଇଛି। ଏହି ଖବର ପ୍ରଚାରିତ ହେବାପରେ ବିଞ୍ଝାରପୁର ବିଜେଡିରେ ଶୋକର ଛାୟା ଖେଳିଯାଇଛି। ନାୟକ ଜଣେ ପରୋପକାରୀ, ମିଷ୍ଟଭାଷୀ ମଣିଷଥିଲେ। ତାଙ୍କ ପରଲୋକରେ ବିଧାୟିକା ପ୍ରମିଳା ମଲ୍ଲିକ, ବ୍ଲକ ଅଧକ୍ଷା ରଞ୍ଜିତା କୁମାରୀ ଦାସ, ବିଜେଡି ସଭାପତି ନନ୍ଦକିଶୋର ସାମଲ, ଯୁବ ବିଜେଡି ସଭାପତି ଦିଲୀପ ରାଉଳ, ଛାତ୍ର ବିଜେଡି ସଭାପତି ଲେନିନ ଦାସ, ଉପସଭାପତି ସୁଖ ରଞ୍ଜନ ପରିଡା ଓ ଅନିଲ ଦାସ ଶୋକବ୍ୟକ୍ତ କରିଛନ୍ତି।

### ସରପଞ୍ଚଙ୍କୁ ଆକ୍ରମଣ ଘଟଣାରେ ୨ ଗିରଫ

ପାଣିକୋଇଲି,୩।୧ (ବିକାଶ ମଲ୍ଲିକ)

କୋରେଇ ବ୍ଲକ୍ ଅଧୀନ ପାଣିକୋଇଲି ସରପଞ୍ଚ ଓ ତାଙ୍କ ପରିବାରକୁ ଆକ୍ରମଣ ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଗୋଳେଇପୁର ପଞ୍ଚାୟତ ତେଲିଆ ଗ୍ରାମର ଦେବବ୍ରତ ମହାପାତ୍ର ଓରଫ୍ ମୁନା ଓ ହାଟସାହି ଗ୍ରାମର ସମାଧାନ ଦାଶ ଓରଫ୍ ଗୁଡୁ। ଗୁରୁବାର ସନ୍ଧ୍ୟାରେ ସରପଞ୍ଚ ପଦ୍ମାବତୀ ପଣ୍ଡା, ତାଙ୍କ ଦିଅର ସୋମନାଥ ପଣ୍ଡାଙ୍କ ସମେତ ପରିବାର ବର୍ଗ କୁଆଖିଆସ୍ଥିତ ଲକ୍ଷ୍ମୀନାରାୟଣ ମହୋତ୍ସବ ବୁଲି ଘରକୁ ଫେରୁଥିଲେ। ଏହି ସମୟରେ ଯୋଜନାବଦ୍ଧ ଭାବେ ପାଣିକୋଇଲି ବଜାରରେ ଏକ କାର ଯୋଗେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଉପରୋକ୍ତ ୨ ଅଭିଯୁକ୍ତଙ୍କ ସହ ଅନ୍ୟ ୪ଜଣ ସରପଞ୍ଚଙ୍କ ଗାଡ଼ିକୁ ଭଙ୍ଗାରୁଜା କରିବା ସହ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ତାଙ୍କ ଦିଅର ସୋମନାଥଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସରପଞ୍ଚଙ୍କ ଶାଶୁ ଓ ମା' ପିନ୍ଧିଥିବା ସୁନାଚେନକୁ ଅଭିଯୁକ୍ତ ଛଡ଼ାଇ ନେଇଯାଇଥିଲେ। ଏନେଇ ସରପଞ୍ଚ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ ଆରମ୍ଭ କରିଥିଲା।

# ଆସିଲେନି ଜଳଯୋଗାଣ ଅଧିକାରୀ, ଗର୍ଜିଲେ ଜନପ୍ରତିନିଧି

## ବଡ଼ଚଣା ପଞ୍ଚାୟତ ସମିତି ବୈଠକ

ଚଣ୍ଡିଖୋଲ,୩।୧ (ପ୍ରଦୀପ୍ତ କୁମାର ପୃଷ୍ଟି)



ବୈଠକରେ ଯୋଗ ଦେଇଥିବା ବିଧାୟକ, ଅଧିକାରୀ ଓ ଜନପ୍ରତିନିଧି।

ବଡ଼ଚଣା ପଞ୍ଚାୟତ ସମିତିର ଷଷ୍ଠ ବୈଠକ ଶୁକ୍ରବାର ସମିତି ସଭାଗୃହରେ ଅଧ୍ୟକ୍ଷା ମିନତି ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ଅମର କୁମାର ନାୟକ ଯୋଗଦେଇ ସମସ୍ତଙ୍କୁ ସ୍ୱାଗତ କରିବା ସହ ନୂଆବର୍ଷର ଶୁଭେଚ୍ଛା ଜଣାଇଥିଲେ। ବୈଠକରେ ପାନୀୟ ଜଳ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଓ ମହିଳା ଏବଂ ଶିଶୁ ବିକାଶ ବିଭାଗ ସମ୍ପର୍କରେ ଆଲୋଚନା କରାଯିବ ବୋଲି ପୂର୍ବରୁ ସ୍ଥିରୀକୃତ ହୋଇଥିଲା। ଏନେଇ ଚଣ୍ଡିଖୋଲସ୍ଥିତ ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀଙ୍କୁ ପୂର୍ବରୁ ଚିଠି କରାଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ ଆସି ନ ଥିଲେ। ଫଳରେ ଏହାକୁ ନେଇ ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତିନ୍ଦ୍ର ନାୟକ, ସରପଞ୍ଚ ବିଶ୍ୱବିଜୟୀ ବ୍ରହ୍ମ ପ୍ରମୁଖ ବିଭାଗୀୟ ଅଧିକାରୀଙ୍କ ଅବହେଳାକୁ ନେଇ ଗର୍ଜିଥିଲେ। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ନିଶ୍ଚିତ ଭାବରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ସମସ୍ତଙ୍କ ସହଯୋଗରେ ବିକଶିତ ବଡ଼ଚଣା ଗଠନ ହେବ ବୋଲି ବିଧାୟକ କହିଥିଲେ। ସମସ୍ତେ ମିଳିମିଶି ଏକ ନୂତନ ଦିଶା ନେଇ କାର୍ଯ୍ୟ କରିବାର ସମୟ ଅସିଛି ବୋଲି ଆହ୍ୱାନ ଦେଇଥିଲେ। ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଗୋପାଳନ କୃଷି ଓ ସମନ୍ୱିତ ଶିଶୁ ବିକାଶ ବିଭାଗ ସମ୍ପର୍କରେ ଆଲୋଚନା ହୋଇଥିଲା। ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବିଭାସ ନନ୍ଦ, ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀ, ବ୍ଲକ ଶିକ୍ଷା ଅଧିକାରୀ ସବିତା ସାହୁ, ବଡ଼ଚଣା ଥାନା ଅଧିକାରୀ ଅସିତ କୁମାର ବଳବନ୍ତରାୟ, ସରପଞ୍ଚ ବେଣୁଧର ବିଶ୍ୱାଳ, ସାଗରିକା ବିହାରୀ, ଜଗନ୍ନାଥ ଖଣ୍ଡାଇ, ଅନୁପମା ବଳ, ସମିତି ସଭ୍ୟ କୁଳମଣି ବାରିକ, ଜଗନ୍ନାଥ ମୁଦୁଲି ଓ ସୁରେନ୍ଦ୍ର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# ଓପନ୍ ଟାଏକୋଣ୍ଡୋରେ ଯାଜପୁର ଖେଳାଳିଙ୍କ କୃତିତ୍ୱ

ଯାଜପୁର ଟାଉନ,୩।୧ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ରାଞ୍ଚିରେ ଅନୁଷ୍ଠିତ ତୃତୀୟ ବିର୍ସାମୁଣ୍ଡା ଜାତୀୟ ଓପନ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଯାଜପୁର ପ୍ରତିଯୋଗୀମାନେ କୃତିତ୍ୱ ଅର୍ଜନ କରିଛନ୍ତି। ରାଜ୍ୟ ସଂଘର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜଙ୍କ ତତ୍ତ୍ୱାବଧାନରେ ଓଡ଼ିଶାରୁ ୫୫ ଖେଳାଳି ଯୋଗଦେଇଥିବାବେଳେ ସେଥିରେ ଯାଜପୁର ଜିଲାର ୧୭ ଜଣ ଖେଳାଳି ଭାଗନେଇଥିଲେ। ପ୍ରତିଯୋଗିତାରେ ଯାଜପୁରର ଖେଳାଳି ୭ ସ୍ୱର୍ଣ୍ଣ, ୫ଟା ରୌପ୍ୟ ଓ ୪ଟା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଜିଲାରୁ କୋଚ୍ ହିସାବରେ ଗୟାଧର ସିଂ ଏବଂ ଟିମ୍ ମ୍ୟାନେଜର ଅରୁଣ କୁମାର ନାୟକ ଯୋଗ ଦେଇଥିଲେ। ଉକ୍ତ ଖେଳାଳିମାନଙ୍କୁ ଜିଲାପାଳ ଶୁଭକାମନା ଜ୍ଞାପନ କରିଛନ୍ତି। ଖେଳାଳିମାନଙ୍କ ଆବଶ୍ୟକ ସାମଗ୍ରୀ ସେ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ ଅଭ୍ୟାସ ଓ ପ୍ରଶିକ୍ଷଣ ପାଇଁ ଏକ ପ୍ରାକ୍‌ଟିସ୍ ହଲ୍ ଯୋଗାଇଦେବାକୁ କହିଛନ୍ତି।


ଟାଏକୋଣ୍ଡୋରେ ଭାଗ ନେଇଥିବା ଯାଜପୁରର ପ୍ରତିଯୋଗୀ ଓ ଅନ୍ୟମାନେ।

# ଯକ୍ଷ୍ମା ନିରାକରଣ ସମ୍ପର୍କିତ ଗୋଷ୍ଠୀଭିତ୍ତିକ କର୍ମଶାଳା



କର୍ମଶାଳାରେ ଯୋଗ ଦେଇଥିବା ଅଧିକାରୀ ଓ ଅନ୍ୟମାନେ।

ରସୁଲପୁର,୩।୧ (ରଂଜିତ ରାଉତ)

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ସମ୍ମିଳନୀ କକ୍ଷରେ ଶୁକ୍ରବାର ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଜାତୀୟ ଯକ୍ଷ୍ମା ନିରାକରଣ ସମ୍ପର୍କିତ ଗୋଷ୍ଠୀ ଭିତ୍ତିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସ୍ମୃତିରେଖା ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳା ଜରିଆରେ ଭାରତକୁ ଯକ୍ଷ୍ମାମୁକ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ତୃଣମୂଳସ୍ତରରେ ଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି। ମୁଖ୍ୟଅତିଥି ଭାବେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ରଶ୍ମିରଞ୍ଜନ ପଶାୟତ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିବା ସହ ଯକ୍ଷ୍ମାରୋଗର ନିରାକରଣ ଓ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସମ୍ମଲ ଅଧିକାରୀ ଭାବେ ଜିଲା ସରକାରୀ-ବେସରକାରୀ ସଂଯୋଜକ ମାନସ ରଞ୍ଜନ ସାମଲ, ଜିଲା ଜନସ୍ୱାସ୍ଥ୍ୟ ସମ୍ପର୍କ ଅଧିକାରୀ ସ୍ମୃତିରେଖା ବିଶ୍ୱାଳ, ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ବସନ୍ତ ପଣ୍ଡା, ବଡ଼ରମ୍ପେଇ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଅଧିକାରୀ ରଞ୍ଜିତା ଦାଶ, ଏଏନ୍‌ଏମ୍ ସାବିତ୍ରୀ ସେଠୀ, ବରିଷ୍ଠ ଚିକିତ୍ସା ପରିଦର୍ଶକ ମନୋଜ ରାଉତରା, ନାଏବ ସରପଞ୍ଚ କେଦାର ଦେଓ ପ୍ରମୁଖ ଯୋଗଦେଇ ଯକ୍ଷ୍ମା ରୋଗର ଲକ୍ଷଣ ଓ ତାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କର୍ମଶାଳାରେ ୱାର୍ଡ ସଭ୍ୟାସଭ୍ୟ, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ଯକ୍ଷ୍ମାରୋଗୀ ଓ ତାଙ୍କ ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ। ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ୧୦୦ରୁ ଉର୍ଦ୍ଧ୍ୱ ମହିଳାଙ୍କୁ ଯକ୍ଷ୍ମାରୋଗ ଚିହ୍ନଟ କରିବା ସହ ତା'ର ଆରୋଗ୍ୟ ପ୍ରଣାଳୀର ବାର୍ତ୍ତା ପ୍ରତ୍ୟେକ ପରିବାର ନିକଟରେ ପହଞ୍ଚାଇବାକୁ ପରାମର୍ଶ ଦିଆଯାଇଥିଲା।

# ତ୍ରିଦିବସୀୟ ଯୋଗ ଶିବିର ଉଦ୍‌ଘାଟିତ

ଯାଜପୁରରୋଡ୍,୩।୧ (ପବିତ୍ର ରଞ୍ଜନ ମହାନ୍ତି)

କଳିଙ୍ଗନଗର ପୁସ୍ତକ ମେଳା ପରିସରରେ ଶୁକ୍ରବାର ତ୍ରିଦିବସୀୟ ଯୋଗ ଶିବିର ଉଦ୍‌ଘାଟିତ ହୋଇଯାଇଛି। ପ୍ରାତଃ ୫.୩୦ରେ ଆଦର୍ଶ ଯୋଗକକ୍ଷ ଚୋରଦାର ବରିଷ୍ଠ ଯୋଗ ପ୍ରଶିକ୍ଷକ ବଟକୃଷ୍ଣ ପ୍ରଧାନ, କଳିଙ୍ଗନଗର ପୁସ୍ତକମେଳା କମିଟିର କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ମହାନ୍ତି, ପତଞ୍ଜଳି ଯୋଗ ସମିତି ଭାରତ ସ୍ୱାଭିମାନ ଟ୍ରଷ୍ଟର ଯାଜପୁର ଜିଲା ପ୍ରଭାରୀ ବିବେକାନନ୍ଦ ଜେନା, ବ୍ୟାସନଗରର ତହସିଲ ପ୍ରଭାରୀ କ୍ୟାପ୍‌ଟେନ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ଯୁବ ପ୍ରଭାରୀ ପ୍ରବୀର ସ୍ୱାଇଁ ଦୀପ ପ୍ରଜ୍ୱଳନ କରି ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ଆଦର୍ଶ ଯୋଗ କକ୍ଷ, ନିତ୍ୟ ଯୋଗ କକ୍ଷ, ଫିଟ ଆଣ୍ଡ ଫାଇନ କ୍ଲବ ସଂସ୍ଥାର ସଭ୍ୟାସଭ୍ୟ ଓ ବ୍ୟାସନଗରର ପୌରପରିଷଦର ଶତାଧିକ ନାଗରିକ ଅଂଶଗ୍ରହଣ କରିଥିଲେ। ୨ ଘଣ୍ଟା ଧରି ପ୍ରଶିକ୍ଷକମାନେ ସମସ୍ତଙ୍କୁ ବିଭିନ୍ନ ଆସନ ଓ ପ୍ରାଣାୟାମ ବିଷୟରେ ଶିକ୍ଷା ଦେଇଥିଲେ। ବ୍ୟାସନଗରର ମହାବିଦ୍ୟାଳୟର ଏନ୍‌ସିସି ଅଫିସର ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ପୁରାତନ ଛାତ୍ରଙ୍କ ବନ୍ଧୁମିଳନ, ଗୁରୁପୂଜନ ଉତ୍ସବ



ବନ୍ଧୁ ମିଳନରେ ଯୋଗ ଦେଇଥିବା ଅତିଥି।

ଦଶରଥପୁର,୩।୧ (ସୁଶାନ୍ତ କୁମାର ବେହୁରିଆ)

ଦଶରଥପୁର ବ୍ଲକ ଅଧୀନ ମଙ୍ଗଳପୁର ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ୧୯୭୭ ମସିହା ପୁରାତନ ଛାତ୍ରଙ୍କ ଏକ ବନ୍ଧୁମିଳନ ଓ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ପୁରାତନ ଛାତ୍ରୀଛାତ୍ର ଗୁରୁଙ୍କୁ ପୂଜାର୍ଚ୍ଚନା କରିବା ସହିତ ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ପ୍ରାକ୍ତନ ଛାତ୍ର ଗୌତମ ରାୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବହୁ ପୁରାତନ ଛାତ୍ର ଯୋଗଦେଇ ଛାତ୍ର ଜୀବନର ବିଭିନ୍ନ ଘଟଣାବଳୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସଭାରେ ମୁଖ୍ୟ ଅତିଥିଭାବେ ଶିକ୍ଷକ ଅନାମ ଚରଣ ସେନାପତି, ଶିକ୍ଷକ ଦାଶରଥି ନାୟକ, ଶିକ୍ଷକ ନୃସିଂହ ଚରଣ ମହାନ୍ତି, ଶିକ୍ଷକ ବିଜୟ କିଶୋର ସାମଲ, ନିତ୍ୟାନନ୍ଦ ପଣ୍ଡା ଓ ବଂଶୀଧର ଦାସ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ରଜନୀକାନ୍ତ ବେହେରା ଓ ପ୍ରାକ୍ତନ ଶିକ୍ଷକ ସତ୍ୟାନନ୍ଦ ରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ରମେଶ ଚନ୍ଦ୍ର ବେହେରା, ଅଶୋକ ମଲ୍ଲିକ, ବିନୋଦ ଦାସ, ଅଶୋକ ଦାସ, ପ୍ରଶାନ୍ତ ସାମଲ, ବିଦ୍ୟାଧର ଥୋଟୋଇ, ହରି ପୃଷ୍ଟି, ଅକ୍ଷୟ ମହାନ୍ତି, ରମାକାନ୍ତ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପଞ୍ଚାୟତସ୍ତରୀୟ ସ୍ୱଚ୍ଛତା କାର୍ଯ୍ୟକ୍ରମ



ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଅଧିକାରୀ, ଜନପ୍ରତିନିଧି ଓ ସ୍ୱେଚ୍ଛାସେବୀ।

ବରୀ,୩।୧ (ମହେନ୍ଦ୍ର ସ୍ୱାଇଁ)

ବରୀ ବ୍ଲକ ଅଧୀନ ୮ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ସୋନାଲି ସିଂ, ମଧୁସ୍ମିତା ବେହେରା, ହରପ୍ରିୟା ସାହୁ, ସରଳା ମଲିକ, ଚପଳା ମଲ୍ଲ, କୈଳାସ ମଲିକ, ସୁଶାନ୍ତ ଦାସ, ମାନସ ଯେନା, ଭାରପ୍ରାପ୍ତ ବିଡିଓ ମହେଶ୍ୱର ସେଠୀ, ଗ୍ରାମ୍ୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ବିଭୂତି ଭୂଷଣ ପଣ୍ଡା, ମିଶନ ଶକ୍ତି ସଭାନେତ୍ରୀ ଜ୍ୟୋତ୍ସ୍ନା ନାଥଶର୍ମା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାୟକ, ଡିଇଓ ପୂର୍ଣ୍ଣିମା ଖଣ୍ଡାଇ, ମନୋଜ ସିଂ, ଦିଲୀପ ବେହେରା, ଧନଞ୍ଜୟ ବିଶ୍ୱାଳ, ସୁଧାଂଶୁ ଶତପଥୀ, ବିଭୁପ୍ରସାଦ ବେଉରିଆ, ଦୁଷ୍ମନ୍ତ ମଲିକ, ଗୋବର୍ଦ୍ଧନ ମଲିକ, ପ୍ରକାଶ ମଲିକ, ସଂଗ୍ରାମ ସାହୁ, ମାନସ ପରିଡ଼ା, ତତବିଲ ଜଲାଲ ଉଦ୍ଦିନ, ସମିୱାଲା ଖାନଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଯୋଗଦେଇ ଦରଘା ଛକ, ବରୀ ସ୍ୱାସ୍ଥ୍ୟ ଉପକେନ୍ଦ୍ର ପରିସର, ଅଳିପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସର, କଲେଜ ଛକ, ବ୍ଲକ ଛକ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଓ ଅଳିପୁର ହାଟ ଆଦିକୁ ସଫେଇ କରିଥିଲେ।

# ଅସହାୟ ମହିଳାଙ୍କୁ ପରିବାରକୁ ହସ୍ତାନ୍ତର

ପାଣିକୋଇଲି,୩।୧ (ବିକାଶ ମଲ୍ଲିକ)

ଜଣେ ଅସହାୟ ମହିଳାଙ୍କୁ ଉଦ୍ଧାର କରାଯାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମହିଳା ଜଣକ ପାଣିକୋଇଲି ଥାନା ନିକଟରେ ଗୁରୁବାର ରାତିରେ ବସି କାନ୍ଦୁଥିଲେ। ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପ ସଦସ୍ୟ ପହଞ୍ଚି ତାଙ୍କ ଅସୁବିଧା ସମ୍ପର୍କରେ ପଚାରିଥିଲେ। ରଶ୍ମିତା ଜେନା ନାମକ ସମ୍ପୃକ୍ତ ମହିଳାଙ୍କ ଘର କଟକ ଜିଲା ମାଣିଆ ଗ୍ରାମରେ ହୋଇଥିବେଳେ ସେ ଯାଜପୁର ଜିଲାର ହରିପୁର ବ୍ରହ୍ମଣଦାସପୁର ଗ୍ରାମରେ ବିବାହ କରିଥିଲେ। ଘରେ ପାଟିତୁଣ୍ଡ ହେବାରୁ ସେ ରାଗି ପଳାଇ ଆସିଥିଲେ। ହେଲେ ରାତି ବଢିବାରୁ ନିରୁପାୟ ହୋଇ ବସି କାନ୍ଦୁଥିଲେ ବୋଲି କହିଥିଲେ। ଗ୍ରୁପ୍ ସଦସ୍ୟ ଏହା ଜାଣିବା ପରେ ତାଙ୍କ ପରିବାର ସହ ଯୋଗାଯୋଗ କରିଥିଲେ। ପରିବାର ପକ୍ଷରୁ ତାଙ୍କ ଶାଶୁ ଓ ମା' ଆସି ପାଣିକୋଇଲିରେ ପହଞ୍ଚିବା ପରେ ମହିଳାଙ୍କୁ ସେମାନଙ୍କୁ ହସ୍ତାନ୍ତର କରାଯାଇଥିଲା।

# ମା' ବାଟିଆସୁଣୀ କ୍ରିକେଟ: ମଞ୍ଜିରା ଚାମ୍ପିୟନ


ଚାମ୍ପିୟନ ଟିମ୍‌କୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

ଜେନାପୁର,୩।୧ (ଅଶୋକ ଦାସ)

ଧର୍ମଶାଳା ବ୍ଲକ୍ ଜେନାପୁର ପଞ୍ଚାୟତ ଅଧୀନ ମା' ହିଙ୍ଗୁଳା ପଡ଼ିଆଠାରେ ମା' ବାଟିଆସୁଣୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୪ଦିନ ଧରି କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଜେନାପୁର ମା' ବାଟିଆସୁଣୀ କ୍ରିକେଟ କ୍ଲବ ଓ ମଞ୍ଜିରା ଟାଇଗର ଇଲେଭେନ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜେନାପୁର ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୧୨ ଓଭର ଖେଳି ସମସ୍ତ ଉଇକେଟ ହରାଇ ୯୩ ରନ କରିଥିଲା। ମଞ୍ଜିରା କ୍ରିକେଟ କ୍ଲବ ୭ ଓଭର ଖେଳି ୨ ଉଇକେଟରେ ୯୪ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ ଦାସ, ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ତ୍ରିଲୋଚନ ବେହେରା ଯୋଗଦେଇ ବିଜୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଖେଳକୁ ସାଗର ପାତ୍ର, ରାଜେଶ ରାଉତ ପରିଚାଳନା କରିଥିଲେ। କ୍ଲବ ସଭ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ଚାଷୀ ମୃତ୍ୟୁ: ୩୦ ଲକ୍ଷ କ୍ଷତିପୂରଣ ଦାବିକଲା ସିପିଏମ୍


ସିପିଏମ୍‌ର ନେତାମାନେ ମୃତ ଚାଷୀଙ୍କ ପରିବାର ସଦସ୍ୟଙ୍କୁ ଭେଟୁଛନ୍ତି।

ଯାଜପୁର,୩।୧ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ବିଞ୍ଝାରପୁର ତହସିଲ ଅନ୍ତର୍ଗତ ଚିକଣା ପଞ୍ଚାୟତର ମଣିତାପୁର ଗ୍ରାମର ଚାଷଜମିରେ ଚାଷୀ ମଣିରାମ ମହାନ୍ତିଙ୍କ ମୃତ୍ୟୁ ଘଟଣାରେ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ସିପିଏମ୍ ପକ୍ଷରୁ ଦାବି କରାଯାଇଛି। ସିପିଏମ୍ ଜିଲା ସମ୍ପାଦକ ନିର୍ମଳ ରଥ, ଜିଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ ନାୟକ, ଗଣେଶ ସାହୁ, କୃଷକ ନେତା ମାଧବ କୁଣ୍ଡ, ଶ୍ରମିକ ନେତା ସାଧୁ ଚରଣ ଷଡ଼ଙ୍ଗୀ, ଅମୂଲ୍ୟ ସାମଲ, ମଧୁସୂଦନ ଜେନା, ଉପେନ୍ଦ୍ର ନାୟକ, ବାଙ୍କ ବିହାରୀ ଜେନା ଓ ରବି ଦାସ ପ୍ରମୁଖ ମଣିତାପୁର ଗାଁ ରେ ପହଞ୍ଚି ମଣିରାମଙ୍କ ଶୋକସନ୍ତପ୍ତ ପରିବାରବର୍ଗ ଓ ପଡ଼ୋଶୀମାନଙ୍କୁ ସାକ୍ଷାତ୍ କରିଥିଲେ। ଏହି ପ୍ରତିନିଧି ଦଳ ମଣିରାମ ୬୦ ହଜାର ଟଙ୍କା ଋଣ ନେଇଥିବା ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକା ପଦ୍ମାବତୀ ମଲ୍ଲିକଙ୍କୁ ଭେଟିଥିଲେ। ଏହାସହ ମଣିରାମ ଚିକଣା ପ୍ରାଥମିକ ସେବା ସମବାୟ ସମିତିରୁ ୬୬ ହଜାର ଟଙ୍କା ଓ ହାତ ଉଧାରି ଭାବେ ଆଉ ୬୦ ହଜାର ଟଙ୍କା ଋଣ କରିଥିଲେ। ମଣିରାମଙ୍କ ପୁଅ ନିରଞ୍ଜନ ଜଣାଇଥିଲେ ଯେ ଏହି ବିଷୟରେ ଖବରକାଗଜରେ ପ୍ରକାଶ ପାଇବାପରେ ବିଞ୍ଝାରପୁର ବିଡିଓ ଏବଂ ତହସିଲଦାର ତାଙ୍କୁ ସାକ୍ଷାତ୍ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ କୌଣସି ଅନୁକମ୍ପାମୂଳକ ସାହାଯ୍ୟ ତାଙ୍କୁ ମିଳିନାହିଁ। ମଣିରାମଙ୍କ ପରିବାରକୁ କ୍ଷତିପୂରଣ ରାଶି ଦେବା ସହ ଚାଷୀମାନଙ୍କର କୃଷି ଋଣ ଛାଡ଼ କରିବା ଓ ଆଗାମୀ ରବି ଚାଷ ପାଇଁ ସାର, ବିହନ ଆଦି କୃଷି ଉପକରଣ ସମେତ ଆର୍ଥିକ ସାହାଯ୍ୟ ଯୋଗାଇଦେବାକୁ ସିପିଏମ୍ ପ୍ରତିନିଧି ଦଳ ପକ୍ଷରୁ ଦାବି କରାଯାଇଛି।

# ପ୍ରାଚୀନ ବୌଦ୍ଧ କୀର୍ତ୍ତିରାଜି ସମ୍ପର୍କରେ ପ୍ରଶିକ୍ଷଣ

ଚଣ୍ଡିଖୋଲ,୩।୧ (ପ୍ରଦୀପ୍ତ କୁମାର ପୃଷ୍ଟି)

ବିଶ୍ୱ ପ୍ରସିଦ୍ଧ ବୌଦ୍ଧପୀଠ ଲଳିତଗିରି, ଉଦୟଗିରି ଓ ରତ୍ନଗିରିକୁ ବୌଦ୍ଧ ହୀରକ ତ୍ରିଭୁଜ କୁହାଯାଏ। ଆସନ୍ତା ୧୨ ତାରିଖରୁ ୧୬ତାରିଖ ପର୍ଯ୍ୟନ୍ତ ଏଠାରେ ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀ ଅନୁଷ୍ଠିତ ହେବ। ଏନେଇ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରଣାଳୟ ଆନୁକୂଲ୍ୟ ଏବଂ ଓଡ଼ିଶା ସରକାରଙ୍କ ସହଯୋଗରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ୧୫୦୦ ବୌଦ୍ଧ ଧର୍ମାବଲମ୍ବୀ ଆସିବାର ଥିବାରୁ ସ୍ଥାନୀୟ ଅଞ୍ଚଳର ଯୁବକମାନେ ତାଙ୍କୁ କିପରି ସହଯୋଗ କରିବେ ସେଥିନେଇ ଏକ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି।

ବାଲିଚନ୍ଦ୍ରପୁର ଜଗନ୍ନାଥ କଲ୍ୟାଣ ମଣ୍ଡପ ପରିସରରେ ଗତ ମାସ ୨୭ ତାରିଖରୁ ୬୦ ଜଣ ଯୁବତୀ ଓ ଯୁବକଙ୍କୁ ପ୍ରାଚୀନ ବୌଦ୍ଧ କୀର୍ତ୍ତିରାଜି ସମ୍ପର୍କରେ ତାଲିମ ପ୍ରଦାନ କରାଯାଉଛି। ଭୁବନେଶ୍ୱରସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ ଟୁରିଜମ୍ ଆଣ୍ଡ ଟ୍ରାଭେଲ ମ୍ୟାନେଜମେଣ୍ଟ ପକ୍ଷରୁ ଓଡ଼ିଶା ଟୁରିଜମ୍ ବିଭାଗ ଆନୁକୂଲ୍ୟରେ ଚାଲିଥିବା କାର୍ଯ୍ୟକ୍ରମରେ ଟ୍ରେନର ଭାବେ ପ୍ରଫେସର ଡ. ସଜେନ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ଓ ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ଅତିଥିଭାବରେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ଦିବସରେ ବିଶିଷ୍ଟ ବୌଦ୍ଧ ଗବେଷକ ଡ. ହରିଶ ଚନ୍ଦ୍ର ପୃଷ୍ଟି, ଅବସରପ୍ରାପ୍ତ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ଅଧୀକ୍ଷକ ଜୀବନ ପଟ୍ଟନାୟକ, ପ୍ରଫେସର ମନୋଜ ମିଶ୍ର, ବିରଞ୍ଚି ନାରାୟଣ ମିଶ୍ର, ଜିଲା ପର୍ଯ୍ୟଟନ ଅଧିକାରୀ ହିମାଳୟ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଲଳିତଗିରି, ରତ୍ନଗିରି, ଉଦୟଗିରି, ଲାଙ୍ଗୁଡି ଓ କାଏମାରେ ଥିବା ପ୍ରାଚୀନ ବୌଦ୍ଧ କୀର୍ତ୍ତିରାଜି ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥିଲେ। ଏତଦ୍‌ବ୍ୟତୀତ ପର୍ଯ୍ୟଟକଙ୍କୁ କେଉଁ ସୁବିଧା ସୁଯୋଗ ଯୋଗାଇ ଦିଆଯାଇ ପାରିବ ସେଥିନେଇ ଆଲୋଚନା କରିଥିଲେ। ବାଲିଚନ୍ଦ୍ରପୁର ସରପଞ୍ଚ ଅନୁପମା ବଳ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗଣେଶ୍ୱର ବେହେରା ଧନ୍ୟବାଦ ଦେଇଥିଲେ।


ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଯୁବତୀଯୁବକ।

**ଔଷଧ ଦୋକାନରୁ ଚୋରି**

ଆଳି,(ବନମାଳୀ ସେନାପତି) :ଆଳି ଥାନା ଭୂଇଁପୁରରେ ଥିବା ଏକ ଔଷଧାଳୟରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଏନେଇ ଔଷଧ ଦୋକାନ ମାଲିକ ତୁଷାର ରଞ୍ଜନ ସାହୁ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ରାତିରେ ସେ ବ୍ୟବସାୟ ସାରି ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ସକାଳେ ଦୋକାନ ଖୋଲିବାକୁ ଆସି ଦେଖନ୍ତି ତ ରୁମ ତଡା ହୋଇଛି। ସେ ଦୋକାନରେ ଲାଗିଥିବା ସିସି କ୍ୟାମେରା ଚେକ କରିବାରୁ ରାତି ପ୍ରାୟ ସାଢେ ୩ଟାରେ ଏକ କାର ତାଙ୍କ ଦୋକାନଠାରୁ ଅଳ୍ପ ଦୁରରେ ରହିବା ପରେ ୨ ଜଣ ଦୁର୍ବୃତ୍ତ ଦୋକାନ ତଳେ ଥିବା ରୁମ ଗେଟ ତାଲା କାଟି ତଳ ଘରେ ପଶି ଲୁଟପାଟ କରି ପଳାଇ ଯାଇଥିଲେ।

# ଚାଷଜମିକୁ ବିନାବାଧାରେ ଜଳଯୋଗାଣକୁ ଗୁରୁତ୍ୱ

## ଜିଲାସ୍ତରୀୟ ପାଣିପଞ୍ଚାୟତ ପକ୍ଷପାଳନର ଉଦ୍‌ଯାପନୀ ଉତ୍ସବ

ଜଗତ୍‌ସିଂହପୁର, ୩।୧ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁରସ୍ଥିତ ଆଦିକବି ଶାରଳା ଦାସ ସଂସ୍କୃତି ଭବନରେ ଜଳସମ୍ପଦ ବିଭାଗ ଆନୁକୂଲ୍ୟରେ ଚାଲିଥିବା ପାଣି ପଞ୍ଚାୟତ ପକ୍ଷର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହା ଗତ ୨୯ ଡିସେମ୍ବର ୨୦୨୪ରେ ଅନୁଷ୍ଠିତ ହେବାକୁ ନିର୍ଦ୍ଧାରିତ ହୋଇଥିଲା। ତେବେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ପରଲୋକ ଯୋଗୁ ଦେଶବ୍ୟାପୀ ସାତଦିନ ଧରି ଶୋକଦିବସ ପାଳନ ହେଉଥିବା ଯୋଗୁ ଏହି ଉତ୍ସବକୁ ସ୍ଥଗିତ ରଖାଯାଇ ଗୁରୁବାର କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ପାଣି ପଞ୍ଚାୟତକୁ ଅଧିକ କ୍ରିୟାଶୀଳ କରି ଜଳସେଚନ ସମୟରେ କେନାଲ ଶେଷମୁଣ୍ଡରେ ଥିବା ଚାଷଜମିକୁ ବିନା ବାଧାରେ ଜଳଯୋଗାଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲାର



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ବିଭିନ୍ନ ଉନ୍ନୟନ ବିଭାଗ ଅଧୀନରେ ହେଉଥିବା ସରକାରୀ କାର୍ଯ୍ୟର ଉପଯୁକ୍ତ ମାନ ବଜାୟ ରଖିବା ଉପରେ ମୁଖ୍ୟ ଅତିଥି ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ଜିଲା ପରିଷଦ ଅଧ୍ୟକ୍ଷ ମନୋଜ ଭୋଇ, ଜିଲାପାଳ ଜେ. ସୋନାଲ, ଜିଲା ପରିଷଦ ମୁଖ୍ୟ ବିକାଶ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରବିନାରାୟଣ ଜେଠି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ପାଣି ପଞ୍ଚାୟତ ଗଠନର ଉଦ୍ଦେଶ୍ୟ, ପରିଚାଳନାଗତ ତ୍ରୁଟି, ଭବିଷ୍ୟତରେ ଏହାର ସଫଳ ରୂପାୟନ ତଥା ଜିଲାର ବିଭିନ୍ନ ସରକାରୀ ବିଭାଗ ଯଥା କୃଷି, ପ୍ରାଣୀପାଳନ, ମତ୍ସ୍ୟ, ଉଦ୍ୟାନ ବିଭାଗ ଇତ୍ୟାଦିର ବିଭିନ୍ନ ସରକାରୀ ଯୋଜନାର ସୁଫଳ କିଭଳି ସାଧାରଣ ଚାଷୀଙ୍କ ପାଖରେ ପହଞ୍ଚିପାରିବ ସେ ଉପରେ ଆଲୋଚନା କରାଯାଇଥିଲା। ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ କୁମାର ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତାଭାବେ ଜିଲା କୃଷି ଗବେଷଣା କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଦ୍ୱାରିକା ମୋହନ ଦାସ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ଓ ସମସ୍ୟା ଏବଂ ଜଳର ସୁବିନିଯୋଗରେ ଆଧୁନିକ ଜ୍ଞାନକୌଶଳର ଉପଯୋଗ ଉପରେ ବିସ୍ତୃତ ମତାମତ ଦେଇଥିଲେ। ଶେଷରେ ଜିଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପକ୍ଷ ପାଳନ ପରିପ୍ରେକ୍ଷୀରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀମାନଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ। ବୈଠକରେ ତାଳଦଣ୍ଡା ସେଚାଞ୍ଚଳ ଓ ମାଛଗାଁ ସେଚାଞ୍ଚଳ ଅନ୍ତର୍ଗତ ସମସ୍ତ ପାଣି ପଞ୍ଚାୟତର ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ, ଜିଲାସ୍ତରୀୟ ଅଧିକାରୀ, ମୁଖ୍ୟ ସେଚାଞ୍ଚଳ ଉନ୍ନୟନ ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଏବଂ ପାଣି ପଞ୍ଚାୟତର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ପରିଶେଷରେ ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

# ‘ପରିବେଶ ବଞ୍ଚିଲେ ଆମେ ବଞ୍ଚିବା’

ଭୁବନେଶ୍ୱର,୩।୧(ସୁଚିସ୍ମିତା ସାହୁ)

‘ଗଛ ଗଛ ଗଛ, ଆଉ ସବୁକଥା ପଛ। ପରିବେଶ ବଞ୍ଚିଲେ ଆମେ ବଞ୍ଚିବା। ଏ ନେଇ ଜନସାଧାରଣଙ୍କୁ ସଚେତନ କରାଇବା ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ଦାୟିତ୍ୱ। ଆମ ପୂର୍ବପୁରୁଷମାନେ ପରିବେଶ ବିଷୟରେ ଯଥେଷ୍ଟ ସଚେତନ ଥିଲେ। ସେମାନେ ଧର୍ମ ମାଧ୍ୟମରେ ଗାଁ ଗହଳିରେ ବରଗଛ ଓ ଅଶ୍ୱତ୍ଥ ଗଛର ବିବାହ କରାଇ ପ୍ରକୃତି ଏବଂ ପରିବେଶର ସୁରକ୍ଷା କରୁଥିଲେ’ ବୋଲି ଅନନ୍ତ ବଳିଆ ଟ୍ରଷ୍ଟ ପକ୍ଷରୁ ଶୁକ୍ରବାର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଜାତୀୟ ପରିବେଶ କର୍ମଶାଳାକୁ ଉଦ୍‌ଘାଟନ କରି ପଦ୍ମଶ୍ରୀ ଶ୍ରୀମଦ୍ ବାବା ବଳିଆ ଏହା କହିଛନ୍ତି।

କର୍ମଶାଳାରେ ପରିବେଶବିତ୍ ପ୍ରଫେସର ଡ. ଆଶୁତୋଷ ଦେବତା ଯୋଗଦେଇ କହିଲେ, ଚାରା ଲଗାଇ ବଞ୍ଚାଇବାକୁ ଆମେ ସଂକଳ୍ପ ନେବା ଉଚିତ୍। ସେହିପରି ରୋଟାରି ଆନ୍ତର୍ଜାତିକ ଜିଲା-୩୨୬୨ର ପ୍ରାନ୍ତପାଳ ଯଜ୍ଞାଶିଷ ମହାପାତ୍ର ଗ୍ରୀନ୍ ମିଶନ, ଅଙ୍ଗଦାନ ଓ ପ୍ଲାଷ୍ଟିକମୁକ୍ତ ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖିଥିଲେ। ପ୍ରଫେସର ଡ. ରାମଚନ୍ଦ୍ର ମହାନ୍ତି ବିଶ୍ୱରେ ହେଉଥିବା ଜଳବାୟୁ ପରିବର୍ତ୍ତନ ଉପରେ


ବାବା ବଳିଆ

ଆଲୋଚନା କରିଥିଲେ। ଡ. ଚିତ୍ତରଞ୍ଜନ ମିଶ୍ର କହିଥିଲେ, ବାୟୁ ପ୍ରଦୂଷଣକୁ କିଭଳି ରୋକାଯାଇପାରିବ ତା’ ଉପରେ ସରକାର ଦୃଷ୍ଟିଦେବାର ଆବଶ୍ୟକତା ରହିଛି। ସେହିପରି ମହାନଦୀ ବଞ୍ଚାଅ ଆନ୍ଦୋଳନର ଅଧ୍ୟକ୍ଷ ସୁଦର୍ଶନ ଦାସ ରାଜ୍ୟରେ ନଦୀ ସୁରକ୍ଷିତ ନ ରହିଲେ ଆଗାମୀ ଦିନରେ ଜଳ ସଙ୍କଟ ସୃଷ୍ଟି ହେବ ବୋଲି କହିଥିଲେ। ମୁଖ୍ୟ ଆୟୋଜକ ବାବା ପ୍ରଣବାନନ୍ଦ ଦାସ ସ୍ୱାଗତ ଭାଷଣ ଓ ମୁଖ୍ୟ ସଂଯୋଜକ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସ୍ୱାଗତ କମିଟି ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ, ବାବା ରାଧେଶ୍ୟାମ ଦାସ, ବାବା ପରମାତ୍ମା ଦାସ ଉପସ୍ଥିତ ଥିଲେ।

# ସେମିରେ ଖରାଖାଇ କ୍ରିକେଟ କ୍ଲବ

## କ୍ରିକେଟ ଟୁର୍ନାମେଣ୍ଟ

ରାଜକନିକା, ୩।୧ (ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକ ଡାଳିକାଏନ୍ଦା ଖେଳ ପଡ଼ିଆରେ ଆୟୋଜିତ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଯୁବକ ସଂଘ ଆନୁକୂଲ୍ୟରେ ତଥା ମୁମ୍ବାଇ ଗୁରୁ ବ୍ରଦର୍ସ ପ୍ରାୟୋଜିତରେ ୪୯ତମ ଆନ୍ତଜିଲାସ୍ତରୀୟ ବିପ୍ଳବୀ ଆନନ୍ଦ ଚନ୍ଦ୍ର କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ୍ ହୋଇଯାଇଛି। ଏଥିରେ କନିକା କ୍ରିକେଟ୍ କ୍ଲବ, ରାଜକନିକା ବନାମ ମା’ ଖରାଖାଇ କ୍ରିକେଟ୍ କ୍ଲବ, ଆଳି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଖରାଖାଇ ଟିମ୍ ଟସ ଜିଣି ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୨୦ ଓଭର ୮ ଉଇକେଟ ହରାଇ ୧୯୬ରନ କରିଥିଲା। ଜବାବରେ କନିକା ଟିମ୍ ୧୬ ଓଭରରେ ସମସ୍ତ ଉଇକେଟ ହରାଇ ୧୩୭ରନ ସଂଗ୍ରହ କରିଥିଲା। ତେବେ ଦ୍ୱିତୀୟ ଟିମ୍ ଭାବେ ମା’ ଖରାଖାଇ କ୍ରିକେଟ୍ କ୍ଲବ, ଆଳି ସେମିଫାଇନାଲରେ ପ୍ରବେଶ କରିଛି। ଯୁବକ ସଂଘର କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ନବକିଶୋର ସୂତାର ଓ ସମ୍ମାନିତ ଅତିଥି ଭାବେ ଶିକ୍ଷକ ପ୍ରବୀଣ ବେହେରା, ଗୋଲସନ କୁମାର ନାୟକ, ମନୋଜ ହେମ୍ବ୍ରମ, ହିମାଂଶୁ ବେହେରା, ଉପଦେଷ୍ଟା ରାଜନାରାୟଣ ନାୟକ, ରବୀନ୍ଦ୍ର ପାତ୍ର, ଅନିରୁଦ୍ଧ ସେଠୀ, ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ରାଉତ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାହୁ ଓ ହୃଦୟ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବିଜେତା ଟିମର ଖେଳାଳି ରାମଚନ୍ଦ୍ର ବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ଅମ୍ପାୟାର ଭାବେ ନିଗମାନନ୍ଦ ବେହେରା ଓ ପ୍ରକାଶ ସାହୁ ଖେଳ ପରିଚାଳନା କରିଥିଲେ। ଯୁବକ ସଂଘର ସଭାପତି ପ୍ରମୋଦ ରାଉତ, ସମ୍ପାଦକ ସରୋଜ କୁମାର ବେହେରା ଓ ବିଶ୍ୱାମିତ୍ର ଜେନା, ବିପ୍ଳବ ସ୍ୱାଇଁ, ପ୍ରିତମ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶନିବାର ବହୁରୂପା କ୍ରିକେଟ୍ କ୍ଲବ, ପାରିନୂଆପଡ଼ା ଓ ଆଳି ଟାଉନ୍ କ୍ଲବ, ଆଳି ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଯୁବକ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।



ଅତିଥିମାନେ ରାମଚନ୍ଦ୍ର ବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରୁଛନ୍ତି।

# ପାରାଦୀପ ବନ୍ଦର ପ୍ରତିଷ୍ଠା ଦିବସରେ ହାଫ୍ ମାରାଥନ


ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ପତାକା ଦେଖାଇ ହାଫ୍ ମାରାଥନ୍ ଉଦ୍‌ଘାଟନ କରୁଛନ୍ତି।

## ସୁସ୍ମିତା ଟିଗୋ, ଅଶୋକ ଦଣ୍ଡସେନା ଚାମ୍ପିୟନ

ପାରାଦୀପ,୩।୧(ଶରତ ରାଉତ)

ପାରାଦୀପ ବନ୍ଦର ପକ୍ଷରୁ ୬୪ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବନ୍ଦର ପ୍ରଶାସନ ପକ୍ଷରୁ ୨୦ତମ ହାଫ୍ ମାରାଥନ ଆୟୋଜନ କରାଯାଇଥିଲା। ଏଥିରେ ମହିଳା ବର୍ଗରେ ସୁସ୍ମିତା ଟିଗୋ ଓ ପୁରୁଷ ବର୍ଗରେ ଅଶୋକ ଦଣ୍ଡସେନା ଚାମ୍ପିୟନ ହୋଇଥିଲେ। ଉଭୟ ହେଲେ ଓଡ଼ିଶା ପୋଲିସର କର୍ମଚାରୀ। ସେହିପରି ମହିଳା ବର୍ଗର ୨ୟ ବିଜେତା ହେଲେ ମୟୂରଭଞ୍ଜର ସନ୍ଧ୍ୟା ମୁର୍ମୁ, ୩ୟ କେନ୍ଦ୍ରାପଡା ଜିଲାର ଦୀପ୍ତିରାଣୀ ସାହୁ। ସେହିପରି ପୁରୁଷ ବର୍ଗର ଦ୍ୱିତୀୟ ହୋଇଛନ୍ତି ଝାଡ଼ଖଣ୍ଡର ଅର୍ଜୁନ ଟୁଡୁ ଓ ତୃତୀୟ ହେଲେ ସୋନପୁର ଜିଲାର ଦୟାନିଧି ମୁଣ୍ଡା। ବିଜେତାଙ୍କୁ ଯଥାକ୍ରମେ ୨୧ ହଜାର, ୧୫ ହଜାର ଓ ୧୦ ହଜାର ୫୦୦ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଛି । ଅନ୍ୟ ଚତୁର୍ଥରୁ ସପ୍ତମ ସ୍ଥାନ ପର୍ଯ୍ୟନ୍ତ ବିଜେତାଙ୍କୁ ମଧ୍ୟ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ସକାଳ ୬ଟାରେ ବନ୍ଦର ୫ନଂ. ଗେଟ୍ ପାଖ ହନୁମାନ ମନ୍ଦିରଠାରୁ ଏହି ମାରାଥନ୍ ଆରମ୍ଭ ହୋଇଥିଲା। ବନ୍ଦରାଞ୍ଚଳର ୧୪ କିମି ଅତିକ୍ରମ କରି ନୂଆବଜାର ଗୋପବନ୍ଧୁ ଷ୍ଟାଡିୟମରେ ଏହା ଶେଷ ହୋଇଥିଲା। ଉଭୟ ଉଦ୍‌ଘାଟନ ଓ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଏହି ମାରାଥନ୍‌ରେ ସମୁଦାୟ ୩୮୮ ଜଣ ଅଂଶଗ୍ରହଣ କରିଥିଲେ। ସେଥିରୁ ୬୩ ମହିଳା ଥିବାବେଳେ ୩୨୫ ପୁରୁଷ ଥିଲେ। ଅଂଶଗ୍ରହଣକାରୀଙ୍କ ବୟସ ୧୮ରୁ ୪୦ ବର୍ଷ ମଧ୍ୟରେ ରହିଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଧାବିକା ଶ୍ରାବଣୀ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା, ଗୋପବନ୍ଧୁ କ୍ରୀଡ଼ା ସଂସଦ ସଭାପତି ଧର୍ମେନ୍ଦ୍ରନାଥ ସୋନ୍ଧି, ଡା. ଦୁର୍ଗାପ୍ରସାଦ ସେଠୀ, କୋଷ୍ଟଗାର୍ଡ ଡିଆଇଜି ସଞ୍ଜୟ ନେଗୀ ପ୍ରମୁଖ ଉପସ୍ଥିତ ଥିଲେ। ବନ୍ଦରାଞ୍ଚଳର ବିଭିନ୍ନ ସ୍ଥାନରେ ଦୌଡ଼ାଳିମାନଙ୍କୁ ବିଭିନ୍ନ ସଙ୍ଗଠନ, ସ୍କୁଲ ଆଦି ପକ୍ଷରୁ ଉତ୍ସାହିତ କରାଯାଇଥିଲା।

# ମିଥ୍ୟା ଅପପ୍ରଚାରଠାରୁ ଦୂରେଇ ରହିବାକୁ ଆହ୍ୱାନ


ବୈଠକରେ ଯୋଗଦେଇଥିବା ସଂଘ ସଦସ୍ୟମାନେ ।

## ଜଗତ୍‌ସିଂହପୁର ଜିଲା ଟ୍ରକ୍ ମାଲିକ ସଂଘ ବୈଠକ

ପାରାଦୀପ,୩।୧(ଶରତ ରାଉତ)

ପାରାଦୀପ ଦୋଛକିଠାରେ ଥିବା ଜଗତ୍‌ସିଂହପୁର ଜିଲା ଟ୍ରକ୍ ମାଲିକ ସଂଘ ପରିସରରେ ଶୁକ୍ରବାର ସନ୍ଧ୍ୟାରେ ଏକ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସାଧାରଣ ସମ୍ପାଦକ ରଞ୍ଜିତ କୁମାର ବେହେରା ଓ ୧୭ ଜଣ କାର୍ଯ୍ୟନିର୍ବାହୀ ସଦସ୍ୟ ଯୋଗଦେଇ ସୂଚନା ଦେଇଥିଲେ ଯେ, କେତେଜଣ ହାତଗଣତି ସଭ୍ୟ ଅନ୍ୟର ପ୍ରରୋଚନାରେ ପଡ଼ି ମିଥ୍ୟା ଅଭିଯୋଗ ଆଣିଛନ୍ତି। ସଂଘ ସଭାପତି ସନ୍ତୋଷ କୁମାର ପଟ୍ଟନାୟକଙ୍କ ବିରୋଧରେ ମନଗଢ଼ା ବିବୃତି ଦେଇଛନ୍ତି। ସେମାନଙ୍କ ବିରୋଧରେ ଆଇନଗତ ନୋଟିସ ଜାରି କରାଯିବ। ସଂଘର ଆଭ୍ୟନ୍ତରୀଣ ସମ୍ପର୍କରେ କୁହାଯାଇଥିଲା ଯେ, ପାରାଦୀପରେ ୩ ଟ୍ରକ୍ ମାଲିକ ସଂଘ ଅଛି। ଏହି ୩ ସଂଘକୁ ନେଇ ଜେସିସି (ଜଏଣ୍ଟ କୋଅର୍ଡିନେଶନ କମିଟି) ହୋଇଛି। ଏଥିରେ ସଂଘର ସଦସ୍ୟତା ଆଧାରରେ ପରିବହନ ପାଇଁ ସ୍ଥିରୀକୃତ ହୋଇଛି। ଯଥା ୧୦୦ଟି ଗାଡ଼ି ଆବଶ୍ୟକ ହେଲେ ପାରାଦୀପ ଟ୍ରକ୍ ମାଲିକ ସଂଘର ୫୨ ପ୍ରତିଶତ, ଜଗନ୍ନାଥ ଟ୍ରକ୍ ମାଲିକ ସଂଘ ୩୩ ପ୍ରତିଶତ ଓ ଜିଲା ସଂଘର ମାତ୍ର ୧୫ ପ୍ରତିଶତ ଗାଡ଼ି ଯୋଗାଉଛନ୍ତି। ଏହି ନିୟମ ଆଧାରରେ ଦୀର୍ଘବର୍ଷ ହେଲା କାମ ଚାଲିଛି। ଅପରପକ୍ଷେ ଜିଲା ସଂଘର ସଭାପତି ଚୟନ ସଦସ୍ୟମାନଙ୍କ ଦ୍ୱାରା ହୋଇଥାଏ। ଏଥିରେ କେତେଜଣ ବାହାର ଲୋକ ହସ୍ତକ୍ଷେପ କରି ସଭାପତି ଓ ସଂଘକୁ ବଦନାମ କରିବା ପାଇଁ ଅପଚେଷ୍ଟା କରୁଛନ୍ତି। ଏପରି ଉଦ୍ୟମକୁ ଜିଲା ଟ୍ରକ୍‌ମାଲିକ ସଂଘ ପକ୍ଷରୁ ନିନ୍ଦା କରାଯାଇଛି।

# ଜିଲାପାଳଙ୍କ ଗୋଜବାୟାଣୀ ପୀଠ ପରିଦର୍ଶନ

ମାର୍ଶାଘାଇ, ୩।୧(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ଦୀର୍ଘଦିନ ଧରି ଅବହେଳିତ ହୋଇପଡ଼ିଥିବା ଶକ୍ତିପୀଠ ମା’ ଗୋଜବାୟାଣୀଙ୍କ ପୀଠରେ ଶୁକ୍ରବାର କେନ୍ଦ୍ରାପଡ଼ା ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ମାର୍ଶାଘାଇ ବ୍ଲକର ବାଘଡ଼ିଆ ଗ୍ରାମରେ ଥିବା ଏହି ପୀଠରେ ଜିଲାପାଳ ପ୍ରଧାନ ପହଞ୍ଚି ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟ, ସାଧାରଣ ଲୋକ, ଲୋକପ୍ରତିନିଧିଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ପୀଠକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ଏକ ପ୍ରଶସ୍ତ ଆନନ୍ଦବଜାର ନିର୍ମାଣ, ବିବାହ ଉତ୍ସବ, ସଭାସମିତି ପାଇଁ ଏକ କଲ୍ୟାଣମଣ୍ଡପ, ପାର୍କ, ଖେଳପଡ଼ିଆ, ପାଚେରି ନିର୍ମାଣ ସହ ସ୍ୱଳ୍ପ ରହଣି କେନ୍ଦ୍ର ସ୍ଥାପନ ଉପରେ ଆଲୋଚନା କରାଯାଇଥିଲା। ଜାତୀୟ ରାଜପଥର କାନପୁର ଛକଠାରୁ ମା’ଙ୍କ ପୀଠ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ରାଜଗଡ଼-ବାଘଡ଼ିଆ ସୀମାରେ ଗୋବରୀ ନଦୀ ଉପରେ ନିର୍ମିତ ହେବାକୁଥିବା ପ୍ରସ୍ତାବିତ ସେତୁ ସ୍ଥଳ ଜିଲାପାଳ ପରିଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ପଞ୍ଚାନନ ମଲ୍ଲିକ, ସହକାରୀ ଯନ୍ତ୍ରୀ ଶ୍ରେୟାଂଶୁ କର, ଜିପିଡିଓ ସୋନାଲି ବେଉରା, ଦଶିପୁର ସରପଞ୍ଚ ବିକ୍ରମ ଦାଶ, ଡୁମୁକା ସରପଞ୍ଚଙ୍କ ପ୍ରତିନିଧି ସାରଦା ପ୍ରସନ୍ନ ବେଉରା, ଗୋପୀନାଥ ବେହେରା, ଟ୍ରଷ୍ଟି ମାନସ ଦାସ, ରଶ୍ମିରଞ୍ଜନ ରାଉତରାୟ, କାର୍ତ୍ତିକ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ର ସୁରକ୍ଷା ମଞ୍ଚ ପକ୍ଷରୁ ସମ୍ମିଳନୀ

ରାଜନଗର, ୩।୧ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ସଦର ମହକୁମାସ୍ଥିତ ରାଜନଗର ହାଇସ୍କୁଲ ପଡ଼ିଆ ନିକଟରେ ଛାତ୍ର ସୁରକ୍ଷା ମଞ୍ଚ ପକ୍ଷରୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଛାତ୍ର ସୁରକ୍ଷା ମଞ୍ଚର ପ୍ରତିଷ୍ଠାତା ଅଧ୍ୟାପକ ସଞ୍ଜୟ କୁମାର ବାଗଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପ୍ରାଧ୍ୟାପକ ତଥା ଗାଳ୍ପିକ ରତ୍ନାକର ନାୟକ, ସମ୍ମାନୀୟ ଅତିଥି ଭାବେ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟାପିକା ତନୁଶ୍ରୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏଥିସହ ଛାତ୍ରୀଛାତ୍ର ଆଜିର ନାଗରିକ, ଦେଶର ଭାଗ୍ୟ ବିଧାତା ବୋଲି କହିଥିଲେ। ଛାତ୍ର ସୁରକ୍ଷା ମଞ୍ଚର ସଭାପତି ଦେବଦତ୍ତ ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ବ୍ଲକର ବିଭିନ୍ନ ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ପିଲାଙ୍କ ଦ୍ୱାରା ସଡ଼କ ସୁରକ୍ଷାର ଲକ୍ଷ୍ୟ ପୂରଣ ହେବ

## ସଡ଼କ ସୁରକ୍ଷା ସଚେତନତା ରଥ ଶୁଭାରମ୍ଭ

ଜଗତ୍‌ସିଂହପୁର, ୩।୧(ପ୍ରମୋଦ କୁମାର ନାୟକ)

ସମ୍ପ୍ରତି ସଡ଼କ ଦୁର୍ଘଟଣା ଚିନ୍ତାର କାରଣ ହୋଇଛି। ଏନେଇ ବ୍ୟାପକ ସଚେତନତା କରା ନ ଗଲେ ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ଏହି ସଚେତନତା ନେଇ ପିଲାମାନେ ଆନ୍ତରିକତା ପ୍ରକାଶ କଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ। ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ (ଉଚ୍ଚ ବିଦ୍ୟାଳୟ) ପରିସରରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ଜିଲାସ୍ତରୀୟ ସ୍ଲୋଗାନ, ଚିତ୍ରକଳା ପ୍ରତିଯୋଗିତା, ସଡ଼କ ସୁରକ୍ଷା ସମ୍ବନ୍ଧୀୟ ଶପଥପାଠ ସହ ସଡ଼କ ସୁରକ୍ଷା ସଚେତନତା ରଥର ଶୁଭାରମ୍ଭ ଉତ୍ସବରେ ଏହା କୁହାଯାଇଛି। ଜିଲାସ୍ତରୀୟ ସ୍ଲୋଗାନ ପ୍ରତିଯୋଗିତା, ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କ ମଧ୍ୟରେ ସଚେତନତା ପାଇଁ ଅନୁଷ୍ଠିତ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ଶପଥପାଠ କାର୍ଯ୍ୟକ୍ରମରେ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ପିଲାମାନଙ୍କ ଦ୍ୱାରା ସଡ଼କ ସୁରକ୍ଷା ବାର୍ତ୍ତା ଯିବା ସମାଜରେ ଗୁରୁତ୍ୱ ବହନ କରିବ। ବିଶେଷକରି ଦୁର୍ଘଟଣାକୁ କମାଇବାରେ ବିଶେଷ ସହାୟକ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଆଞ୍ଚଳିକ ପରିବହନ


ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଶପଥ ପାଠ କରାଯାଉଛି।

ଅଧିକାରୀ ନିର୍ମଳ ମହାନ୍ତି ଜାତୀୟ ସୁରକ୍ଷା ମାସର କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ପିଲାମାନେ ଯଦି ସେମାନଙ୍କ ପରିବାର ସଦସ୍ୟଙ୍କ ପଥ ପ୍ରଦର୍ଶକ ହୋଇପାରିଲେ ଦୁର୍ଘଟଣାକୁ କେତେକାଂଶରେ ଦୂର କରାଯାଇପାରିବ ବୋଲି କହିଥିଲେ। ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ଚିତ୍ରକଳା ପ୍ରତିଯୋଗିତା ଓ ସଡ଼କ ସୁରକ୍ଷା ସଚେତନତା ରଥକୁ ଅତିରିକ୍ତ ଜିଲାପାଳ ସମ୍ବିତ୍ କୁମାର ରାଉତ ଉଦ୍‌ଘାଟନ କରିଥିଲେ। ଜଗତ୍‌ସିଂହପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରଶ୍ମିରଞ୍ଜନ ସାହୁ ଯୋଗଦେଇ ପିଲାମାନଙ୍କୁ ଗାଡ଼ିଚାଳନା ସମୟରେ ସତର୍କତା ଅବଲମ୍ବନ କରିବା ଉପରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀକୃଷ୍ଣ ମହାପାତ୍ର, ଶିକ୍ଷାବିତ୍ ଡ. ତ୍ରିପାଠୀ, ଶ୍ରୀକୃଷ୍ଣ ଏକାଡେମୀ ପ୍ରଧାନଶିକ୍ଷକ ପତି ପ୍ରମୁଖ ଯୋଗଦେଇଥିଲେ। ଉଭୟ କାର୍ଯ୍ୟକ୍ରମରେ ଜିଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ ସଂଯୋଜନା କରିଥିଲେ। ଶିକ୍ଷକ ରାଇଚରଣ ତ୍ରିପାଠୀ ଏବଂ ଜିଲା ଜୁନିୟର ରେଡ୍‌କ୍ରସ ଅଧିକାରୀ ତ୍ରିଲୋଚନ ସାହୁଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଡ. ସୁରେନ୍ଦ୍ର ତ୍ରିପାଠୀ, ଶ୍ରୀକୃଷ୍ଣ ଏକାଡେମୀ ପ୍ରଧାନଶିକ୍ଷକ ରମାକାନ୍ତ ପତି ପିଲାମାନଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ।

# କୃଷିଭିତ୍ତିକ ଜିଲାରେ ପ୍ରକୃତ ସମସ୍ୟାକୁ ଅଣଦେଖା

କେନ୍ଦ୍ରାପଡ଼ା, ୩।୧ (ଜଗନ୍ନାଥ ଧଳ)

- ଅର୍ଦ୍ଧାଧିକ ଚାଷ ଜମି ଜଳସେଚନରୁ ବଞ୍ଚିତ
- ଭିତ୍ତିଭୂମି ଅଭାବରୁ ଚାଷ ଛାଡୁଛନ୍ତି ଚାଷୀ
- ପ୍ରହସନ ପାଲଟିଛି ପାଣି ପଞ୍ଚାୟତ ଗଠନ

ଲଗାଣ ବର୍ଷା ଜନିତ ଖରିଫ ଧାନ ଫସଲ ନଷ୍ଟର କ୍ଷତି ଭରଣା ମିଳିନାହିଁ। ଚାଷୀ ଫସଲ ନଷ୍ଟ ପାଇଁ ହତାଶରେ ଅଛନ୍ତି। ଅପରପକ୍ଷରେ ଆସନ୍ତା ୧୦ ତାରିଖଠାରୁ କେନ୍ଦ୍ରାପଡ଼ା ଜିଲାର ୧୨୨ ସ୍ଥାନରେ ସରକାରୀ ଧାନମଣ୍ଡି ଖୋଲୁଛି। ବଳକା ଧାନ ବିକ୍ରି ପାଇଁ ପଞ୍ଜୀକୃତ ଚାଷୀଙ୍କୁ ଟୋକନ ଦିଆଯାଉଛି। ତେବେ ପୂର୍ବବର୍ଷ ତୁଳନାରେ ଚଳିତଥର ଖରିଫ ଧାନ ସଂଗ୍ରହ କମ ରହିବ ବୋଲି ପ୍ରାଥମିକ ଆକଳନ କରାଯାଉଛି। ଏହାର କାରଣ କ୍ଷେତ ପାଇଁ ଜଳ ପରିଚାଳନା। ଅର୍ଦ୍ଧାଧିକ ଜମି ଜଳସେଚନରୁ ବଞ୍ଚିତ। ପାଣି ପଞ୍ଚାୟତ ଗଠନ ଓ ପରିଚାଳନାଗତ ତ୍ରୁଟି ପାଇଁ ଚାଷ ଏବେ ଲାଭଜନକ ହେଉ ନ ଥିବା ଓ କୃଷକଙ୍କ ପ୍ରକୃତ ସମସ୍ୟାକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି।

ଏ ସମ୍ପର୍କରେ କଂସାର ଗ୍ରାମର ଚାଷୀ ନିରଞ୍ଜନ ପରିଡା, କୃଷକ ନେତା ଗୟାଧର ଧଳ କହିଛନ୍ତି, ନିର୍ବାଚନ ସମୟ ଆସିଲେ ରାଜନେତାଙ୍କ ଚାଷୀଙ୍କ ସମସ୍ୟାଗୁଡ଼ିକ ମନେପଡ଼େ। ଇସ୍ତାହାର ପତ୍ରରେ ଚାଷୀ ଓ ଚାଷ ସମସ୍ୟାକୁ ଗୁରୁତ୍ୱ ଦିଆଯାଇଥାଏ। ନିର୍ବାଚନ ପ୍ରକ୍ରିୟା ଶେଷ ପରେ ଏହି ଇସ୍ତାହାରର ଗୁରୁତ୍ୱ ରହେନାହିଁ। ଜିଲାର ୩୬,୦୩୮ ହେକ୍ଟର ଉଚ୍ଚ ଜମିକୁ ଜଳସେଚନ ବ୍ୟବସ୍ଥା ନାହିଁ। ସେହିପରି ୭୦,୩୩୩ ହେକ୍ଟର ଜମିରେ ଜଳ ନିଷ୍କାସନ ଏକ ସମସ୍ୟା ହୋଇଛି। ଚାଷୋପଯୋଗୀ ୭୫,୮୧୮ ହେକ୍ଟର ମଧ୍ୟମ ଜମି ମଧ୍ୟରୁ ୬୫,୦୩୨ ହେକ୍ଟର ଜମି ଜଳସେଚିତ ହେଉଥିବା ଦର୍ଶାଯାଉଛି। ହେଲେ ବାସ୍ତବ ତଥ୍ୟ ଏହାଠାରୁ ଭିନ୍ନ। ଜିଲାର ୯ ବ୍ଲକ ମଧ୍ୟରୁ ଆଳି, ରାଜନଗର ଓ ରାଜକନିକାରେ ଆଦୌ କେନାଲ ନାହିଁ। ପ୍ରତି ବ୍ଲକର ଅତିକମରେ ୩୫ ପ୍ରତିଶତ କ୍ଷେତକୁ ଜଳ ଯୋଗାଣ ହେବ ବୋଲି ରାଜ୍ୟ ସରକାର ଘୋଷଣା କରିବାର ଦୀର୍ଘଦିନ ବିତିଥିଲେ ମଧ୍ୟ ଏହା ବ୍ଲକଗୁଡ଼ିକରେ କାର୍ଯ୍ୟକାରୀ ହୋଇନାହିଁ। ଫଳରେ ଯୁବବର୍ଗ ଚାଷ ଛାଡ଼ି କର୍ମ ନିଯୁକ୍ତି ପାଇଁ ବିଦେଶମୁହାଁ ହେଉଛନ୍ତି। ସୂଚନା ଅଧିକାର କର୍ମୀ ପ୍ରମୋଦ କୁମାର ସ୍ୱାଇଁ କହିଛନ୍ତି, ଏ ନେଇ କୃଷି ବିଭାଗ ପକ୍ଷରୁ ଏକ ତଥ୍ୟ ମିଳିଛି। ଏହି ତଥ୍ୟ ଅନୁଯାୟୀ, ମହାକାଳପଡ଼ା ବ୍ଲକ ଅଞ୍ଚଳରେ ୨୮,୦୭୦ ହେକ୍ଟର ଚାଷ ଜମି ଥିବାବେଳେ ମାତ୍ର ୬,୮୨୩ ହେକ୍ଟର ଜମିକୁ ଜଳସେଚନର ବ୍ୟବସ୍ଥା ରହିଛି। ଅର୍ଥାତ ୨୪.୩୧ ପ୍ରତିଶତ ଜମି ଜଳସେଚିତ। ସେହିପରି ରାଜନଗରର ମୋଟ ୨୫,୮୯୫ ହେକ୍ଟର ଜମିରୁ ମାତ୍ର ୧୯.୧୬ ପ୍ରତିଶତ ଜମି ଜଳସେଚିତ। ରାଜକନିକା ବ୍ଲକ ଅଞ୍ଚଳରେ ୩୩.୬୨ ପ୍ରତିଶତ କ୍ଷେତକୁ ଉଠା ଜଳସେଚନ ଓ ଅନ୍ୟାନ୍ୟ ଉତ୍ସରୁ ଜଳ ମିଳୁଛି। ଜିଲାରେ ୧,୧୧୪ଟି ଲିଫ୍ଟ ଇରିଗେଶନ ଓ ୩,୦୬୩ଟି ସୋଲୋ ଟ୍ୟୁବୱେଲ ମାଧ୍ୟମରେ ମୋଟ ୩୦,୬୮୧ ହେକ୍ଟରକୁ ଜଳସେଚନ ହେଉଥିବା ଏହି ତଥ୍ୟରେ ଉଲ୍ଲେଖ ଥିବା ବେଳେ ଅନ୍ୟାନ୍ୟ ଉତ୍ସରୁ ମାତ୍ର ୧୦,୬୨୪ ହେକ୍ଟର ପାଣି ମିଳୁଥିବା ଦର୍ଶାଯାଇଛି। ତୃଣମୂଳରେ ଏହାର ତନଖି କଲେ ଏହି ତଥ୍ୟ ଅବାସ୍ତବ ମନେ ହେଉଛି। ବୁଦ୍ଧିଜୀବୀ ବାନାମ୍ବର ସାହୁ କହିଛନ୍ତି, ଉଠା ଜଳସେଚନ ବିଭାଗ ପକ୍ଷରୁ ଗଠନ ହୋଇଥିବା ପାଣି ପଞ୍ଚାୟତ ଏବେ ପ୍ରହସନ ପାଲଟିଛି। କେତେଗୋଟି ପାଣି ପଞ୍ଚାୟତରେ ସଭ୍ୟାସଭ୍ୟଙ୍କ ଅଜାଣତରେ କର୍ମକର୍ତ୍ତାମାନେ ସରକାରୀ ଅନୁଦାନକୁ ଠିକାଦାରି ଆଳରେ ହଡ଼ପ କରୁଛନ୍ତି। ସେହିପରି ଜଳସମ୍ପଦ ବିଭାଗ ପକ୍ଷରୁ ଜଳ ପରିଚାଳନାକୁ ଗୁରୁତ୍ୱ ଦିଆଯାଉନାହିଁ। ଗୋବରୀ, ଜମ୍ବୁ, କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ କେନାଲ ଆଦିରେ ବିଲାତି ଦଳ ଭର୍ତ୍ତି ଯୋଗୁ ଶେଷ ମୁଣ୍ଡରେ ଜଳ ପହଞ୍ଚି ପାରୁନାହିଁ। ପ୍ରତିବର୍ଷ ବନ୍ୟା ସମୟରେ ଉପାନ୍ତ ଅଞ୍ଚଳର ୫୫ ପଞ୍ଚାୟତରେ ଚାଷ ନଷ୍ଟ ହେଉଛି। ଜଳ ନିଷ୍କାସନ ଓ ଜଳସେଚନ ପାଇଁ ଆବଶ୍ୟକ ଜଳର ଅଭାବ ଚାଷୀଙ୍କୁ ଚାଷରୁ ନିବୃତ୍ତ କରୁଛି। ବିଭିନ୍ନ ନଦୀ, ନାଳରେ ବ୍ୟାରେଜ ଓ କ୍ରିକ୍ ବନ୍ଧ ଦ୍ୱାରା ମଧୁର ଜଳ ଅଟକାଇ ଚାଷ କ୍ଷେତକୁ ଜଳସେଚନ ହୋଇପାରନ୍ତା। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ଜଳ ପରିଚାଳନାକୁ ଗୁରୁତ୍ୱ ଦିଆଯାଉଛି। କେନାଲର ଉନ୍ନତୀକରଣ ସହ କ୍ରିକ୍ ବନ୍ଧ ନିର୍ମାଣ କରାଯାଉଛି। ଆଗକୁ ନଦୀରେ ବ୍ୟାରେଜ ଓ ଅଧିକ କ୍ରିକ୍ ବନ୍ଧ ନିର୍ମାଣ ଯୋଜନା ରହିଛି ବୋଲି ସେ କହିଛନ୍ତି।

**କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସହାୟତା ରାଶି ପ୍ରଦାନ ଦାବି**

**ଖଣ୍ଡପଡ଼ା, (ଅଜୟ କୁମାର ମହାରଣା):** ବର୍ଷାରେ ଖଣ୍ଡପଡ଼ା ବ୍ଲକ ଅଞ୍ଚଳର କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଲାଗି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଶହଶହ ଚାଷୀ ପରିବାର ଧାର କରଜ କରି ଧାନ, ପନିପରିବା ଓ ରବି ଫସଲ କରିଥିଲେ। ବର୍ଷକର ଦାନା ପାଣିରେ ପଡ଼ିଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନରେ ବିଳମ୍ବକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏବେ ସହାୟତା ରାଶି ପାଇବା ଆଶାରେ ଚାଷୀମାନେ ଅପେକ୍ଷା କରିଛନ୍ତି। ତହସିଲ ଅଧୀନ ୭ଟି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଚାଷୀଙ୍କ ସହାୟତା ରାଶି ସମ୍ପର୍କୀତ ଆବେଦନପତ୍ରଗୁଡ଼ିକ ପଡ଼ି ରହିଛି। ଏଥିପ୍ରତି ଖଣ୍ଡପଡ଼ା ତହସିଲଦାର , ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।



# ବିଲରୁ ଧାନ କିଣି ନେଉଛନ୍ତି ବ୍ୟବସାୟୀ

- କୁଇଣ୍ଟାଲ ୧୮ଶହ ଟଙ୍କାରେ ବିକ୍ରି ହେଉଛି
- ଅଦିନିଆ ବର୍ଷା ଉଜାଡ଼ିଲା ଧାନର ମାନ
- ମାନ ନ ଥିବାରୁ ମଣ୍ଡିକୁ ଆସିବାକୁ ଚାଷୀ ନାରାଜ

ନୟାଗଡ଼,୩୧ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲାରେ ଅଦିନିଆ ବର୍ଷା ଯୋଗୁ ଧାନ ଫସଲ ନଷ୍ଟ ହୋଇଛି। ଧାନମଣ୍ଡି ଖୋଲିବାରେ ବିଳମ୍ବ ଯୋଗୁ ବିଲକୁ ବିଲ ବୁଲି ଚାଷୀଙ୍କଠାରୁ ଧାନ କିଣୁଛନ୍ତି। ପୁଣି ମାନ ନ ଥିବାରୁ ଧାନମଣ୍ଡିରେ ବିକ୍ରି ହେବା କାଠିକର ପାଠ ଜାଣିବା ପରେ ଶାଗ ମାଛ ଦରରେ ଚାଷୀ ବିକ୍ରି କରିବାକୁ ବାଧ ହେଉଛନ୍ତି। ଏଣୁ ଧାନ ବିଲରେ କୁଇଣ୍ଟାଲ ପିଛା ୧ ହଜାରରୁ ଆରମ୍ଭ କରି ୧୮ଶହ ଟଙ୍କା ପର୍ଯ୍ୟନ୍ତ ବ୍ୟବସାୟୀମାନେ ଧାନ କିଣିବାରେ ଲାଗି ପଡ଼ିଛନ୍ତି।

ପ୍ରାପ୍ତ ସୂଚନା ଅନୁସାରେ, ଚଳିତବର୍ଷ ଜିଲାରେ ଭଲ ଧାନ ଫସଲ ହୋଇଥିଲା। ଚାଷୀ ଧାନ ଅମଳ କରିବାକୁ ଲାଗି ପଡ଼ିଥିଲେ। କେତେଜଣ ଚାଷୀ ଧାନ କାଟି ବିଲରେ ମେଶିନ ସହାୟ୍ୟରେ ଅମଳ କରିଥିଲେ। ଅନ୍ୟ ଚାଷୀ ଧାନ କାଟି ବିଲରେ ପକାଇଥିବାବେଳେ ଆଉ କେତକେ ବିଲରେ ଗଦା କରି ରଖିଥିଲେ। ଏଭଳିସ୍ଥଳେ ଲଗାଣ ବର୍ଷା ଚାଷୀଙ୍କ ଧାନକୁ ଉଜାଡ଼ ଦେଲା। ଏଯାବତ ବି ବିଲରୁ ଧାନ କଟା ଶେଷ ହୋଇନି। ସେହିଭଳି କିଛି ବିଲରେ ଗଜା ଧାନ ଶୁଖୁଛି। ବିଲରେ ଗଦା ମରା ହୋଇଥିବା ଧାନ ମଧ୍ୟ ଗଜା ହୋଇଯାଇଛି। ଧାନର ମାନ ନଷ୍ଟ ହେବା ପରେ ଚାଷୀ କ୍ଷତିପୂରଣ ଭରିବାକୁ ବାଟ ପାଉନାହିଁ। ଫସଲ ବୀମା ଓ ସରକାରୀ ସହାୟତା କ'ଣ ମିଳିବ ଚାଷୀ ଜାଣି ପାରୁନାହାନ୍ତି। ଏଭଳିସ୍ଥଳେ ଋଣ ପରିଶୋଧ ପାଇଁ ଟଙ୍କା ଆବଶ୍ୟକ। ଧାନ ମଣ୍ଡି ଆସନ୍ତା ୭ରେ ଖୋଲିବ। ଧାନ ବିକ୍ରି ହେଲା ବେଳକୁ ୧୫ରୁ ୩୦ତାରିଖ ହୋଇ ପାରେ। ମଣ୍ଡିକୁ ଧାନ ନେଲେ ମାନ ନ ଥିବାରୁ ମିଲର କିଣିବେ କି ନାହିଁ ଏକଥା ଚାଷୀଙ୍କୁ ଚିନ୍ତାରେ ପକାଇଛି। ବିଗତଦିନର ଅଙ୍ଗେ ନିଭା କଥାକୁ ନେଇ ମଣ୍ଡି ଉପରେ ଚାଷୀ ଭରସା କରି ପାରନାହାନ୍ତି। ଏଣୁ ସ୍ୱଳ୍ପ ଦରରେ ଧାନ ବିକ୍ରି କରିବାକୁ ଚାଷୀ ବାଧ ହେଉଛନ୍ତି।

କୃଷକ ନେତା ରଣଜିତ ଦଳବେହେରା କହିଛନ୍ତି, ଚାଷୀ ଧାନ ଫସଲ ପାଇଁ କରିଥିବା ଖର୍ଚ୍ଚ କିପରି ପାଇବେ ସେହି ଚିନ୍ତାରେ ଘାରି ହେଉଛନ୍ତି। ଧାନ ଫସଲ ପାଇଁ ଚାଷୀ ନେଇଥିବା ଋଣ ପରିଶୋଧ କରିବାକୁ ପଡ଼ିବ। ସେହିପରି ବର୍ଷତମାମ ପରିବାର ଚାଳାଇବାକୁ ପଡ଼ିବ। ମାନ ନ ଥିବାରୁ ମଣ୍ଡିକୁ ଧାନ ନେଲେ ମିଲର ଫେରାଇ ଦେବେ। ଧାନ ବିକ୍ରି କରିବାକୁ ଆନ୍ଦୋଳନ କରିବାକୁ ଚାଷୀଙ୍କ ପାଖରେ ଧୈର୍ଯ୍ୟ ନାହିଁ। ଏଣୁ ଚାଷୀ ବିଲରେ ମେଶିନ ସାହାଯ୍ୟରେ ଧାନ ଅମଳ କରି ସେଠାରେ ବିକ୍ରି କରି ଦେଉଛନ୍ତି। ଘରକୁ ଧାନ ନେଲେ ବେଶୀ ଦିନ ରଖି ହେବ ନାହିଁ। ଏଣୁ ବ୍ୟବସାୟୀ ଯେତେ ଟଙ୍କାରେ ଧାନ ମାଗୁଛନ୍ତି ଚାଷୀ ମୂଲଚାଲ ନ କରି ବାଧ ହୋଇ ବିକ୍ରି କରି ଦେଉଛନ୍ତି। ନୂଆଗାଁର ଚାଷୀ ରବୀନ୍ଦ୍ର ନାୟକ କହିଛନ୍ତି, ଅଦିନିଆ ବର୍ଷା ଚାଷୀଙ୍କ ଧାନ ଫସଲକୁ ନଷ୍ଟ କରିଦେଇଛି। ଚାଷୀ ମାନ ନ ଥିବା ଧାନକୁ ବିକ୍ରି କରିବା ବ୍ୟତିତ ଅନ୍ୟ ଉପାୟ ନାହିଁ। ସରକାର କ୍ଷତିପୂରଣ ଦେବାକୁ ଘୋଷଣା କରିଛନ୍ତି ହେଲେ ଦେବାରେ ସମୟ ଗଡ଼ାଇ ଚାଲିଛନ୍ତି। ସେପଟେ ଚାଷୀ ଋଣ ପରିଶୋଧ ପାଇଁ ବିଲରୁ ଅମଳ କରୁଥିବା ଧାନ ବିକ୍ରି କରି କିଛି ପରିଶୋଧ କରିବା ଆରମ୍ଭ କରିଲେଣି। ଚାଷୀଙ୍କ ସମସ୍ୟା ସରକାର ଓ ପ୍ରଶାସନ ବୁଝିବା ଦରକାର। ମଣ୍ଡି ୯୦ ଦିନ ପାଇଁ ଖୋଲୁଛି। ବିଳମ୍ବରେ ଖୋଲିବା ଅପେକ୍ଷା ଶୀଘ୍ର ଖୋଲିଲେ କ'ଣ ଅସୁବିଧା ଜାଣି ହେଉନି। ପ୍ରତିବର୍ଷ ଧାନ ମଣ୍ଡି ବିଳମ୍ବରେ ଖୋଲୁଥିଲେ ହେଁ ଏହାର ନିରକରଣ ହେଉ ନାହିଁ। ଭାପୁର ଚାଷୀ ମକରନ୍ଦ ସାହୁ କହିଛନ୍ତି, ଚାଷୀ ଚଳିତ ବର୍ଷ ଧାନ କୁଇଣ୍ଟାଲ ପିଛା ୩୧ଶହ ଟଙ୍କାରେ ବିକ୍ରି କରିଥାନ୍ତେ। ଏହା ଭଲ ନିଷ୍ପତି। ହେଲେ ଅଦିନିଆ ବର୍ଷାରେ ଚାଷୀଙ୍କ ଯେଉଁ କ୍ଷତି ହେଲା ବୀମା ରାଶି ମିଳିବା ଓ ନଷ୍ଟ ଧାନ ବିକ୍ରି ପରେ ବି ମୂଳ ବି ମିଳିବ ନାହିଁ। ଏଣୁ ଚାଷୀଙ୍କ ସ୍ଥିତିକୁ ଅନୁଧ୍ୟାନ କରି ତୁରନ୍ତ କ୍ଷତିପୂରଣ ଦିଆଯାଉ। ଗଣିଆର ଚାଷୀ ସଦାଶିବ ପ୍ରଧାନ କହିଛନ୍ତି, ଚାଷୀଙ୍କ ଫସଲ ନଷ୍ଟ ପରେ ସରକାରୀ କଳ ଓ ବିରୋଧୀ ଦଳ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। କ୍ଷୟକ୍ଷତି ରାଶି ଦେଖିବାକୁ କ୍ଷେତ୍ର ପରିଭ୍ରମଣ କରି ସମବେଦନା ଓ ଉଦ୍‌ବେଗ ଜଣାଉଛନ୍ତି। ହେଲେ ଚାଷୀ କିପରି କ୍ଷତି ଭରଣା କରିବା ସେନେଇ ତ୍ୱରିତ ପଦକ୍ଷେପ ନାହିଁ। ଏଭଳି ହେବା ଦ୍ୱାରା ଚାଷୀ ମାନସିକ ଓ ଆର୍ଥିକ ସ୍ତରରେ ବାଟବଣା ହୋଇ ଭାରସାମ୍ୟ ହରାଇବାରେ ଲାଗିଛି। ଯାହାକି ଚାଷୀ ଓ ଚାଷ ପାଇଁ ବିପଦର ଘଣ୍ଟି ବଜାଉଛି। ସରକାର ତୁରନ୍ତ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ସହାୟତା ଦେବାକୁ କ୍ଷତିଗ୍ରସ୍ତ ଚାଷୀ ଅନୁରୋଧ କରୁଛନ୍ତି। ରଣପୁରର ଚାଷୀ ପ୍ରମିଳା ନାୟକ କହିଛନ୍ତି, ଅଦିନିଆ ବର୍ଷା ପରେ ଚାଷୀ ନଷ୍ଟ ଧାନ ଅମଳକୁ ବି ଗୁରୁତ୍ୱ ଦେଇଛି। ଯାହାକିଛି ଅମଳ ହେଉଛି ତାକୁ ବିକ୍ରି କରି ନିଜର ଋଣ ପରିଶୋଧ କରିବାକୁ ଉଦ୍ୟମ କରୁଛି। ତେବେ ବୀମା କର୍ମଚାରୀ ବିଲକୁ ଫସଲ ଦେଖିବାକୁ ଆସିବା ବେଳେ ବିଲରେ ଆଉ ଧାନ ନାହିଁ। ସରକାରଙ୍କ ଟିମ୍ ବୁଲିଲା ବେଳକୁ ଅନେକ ଜମିରେ ଫସଲ ନ ଥିବ। ଚାଷୀ କ୍ଷତିପୂରଣ ପାଇବାକୁ କ'ଣ ବକେୟା ଧାନ ନଷ୍ଟ ହେବାକୁ ଅପେକ୍ଷା କରିବ। ଏଣୁ ଧାନ ଜମିରେ ନଷ୍ଟ ହେବାକୁ ନ ଥିବା ଚାଷୀ କିପରି କ୍ଷତିପୂରଣ ପାଇବେ ସେନେଇ ପ୍ରଶ୍ନ ଉଠିଲାଣି। କ୍ଷତିଗ୍ରସ୍ତ ଚାଷୀ କ୍ଷତିପୂରଣ ପାଇବେ କି ନା ତାହା ସେନ୍ଦହ ସୃଷ୍ଟି କରିଛି।

# ଫୁଲ, ଡାଏରୀ ବଦଳରେ ମିଳିଲା ପାଠ୍ୟ ଉପକରଣ



ଲୋକମାନେ ଦେଇଥିବା ପାଠ୍ୟ ଉପକରଣ।

ନୟାଗଡ,୩୧ (ଲୋକନାଥ ମିଶ୍ର)

**ସଫଳତା ସାଉଁଟିଲା ଜିଲାପାଳଙ୍କ ନିର୍ଦ୍ଦେଶ**

ନୂଆବର୍ଷରେ ଫୁଲତୋଡା ଓ ଡାଏରୀ ବଦଳରେ ପାଠ୍ୟ ଉପକରଣ ଦେବାକୁ ନୟାଗଡ଼ ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଜାରି କରିଥିବା ବିଜ୍ଞପ୍ତି ସଫଳତା ସାଉଁଟିଛି। ଫୁଲ ତୋଡା ଓ ଡାଏରୀ ବଦଳରେ ବହି, ଖାତା, କଲମ, ପେନସିଲ, କଟର, ରବର, କମ୍ପାସ ପରି ପାଠ୍ୟ ଉପକରଣ ପ୍ରଭୃତି ଜିଲାସ୍ତରୀୟ ପଦାଧିକାରୀ, ଜିଲାସ୍ତରୀୟ ଅଧିକାରୀ ଓ ବ୍ଲକ ଅଧିକାରୀଙ୍କୁ ମିଳିଛି। ନୂଆବର୍ଷରେ ମିଳିଥିବା ବିଡିଓ, ତହସିଲଦାର, ଜିଲାସ୍ତରୀୟ ଅଧିକାରୀ ଓ ପ୍ରଶାସନିକ ଅଧିକାରୀଙ୍କଠାରୁ ସଂଗୃହୀତ ପାଠ୍ୟ ଉପକରଣ ଜିଲାପାଳଙ୍କ ମିନି ସଭାଗୃହରେ ରଖାଯାଇଛି। ଏହି ଉପକରଣଗୁଡିକ ଗରୀବ ଛାତ୍ରୀଛାତ୍ରଙ୍କୁ ବଣ୍ଟନ କରାଯିବ ବୋଲି ଜିଲାପାଳ କହିଛନ୍ତି। ଏ ନେଇ ପାଣି ପଞ୍ଚାୟତ ପକ୍ଷ ପାଳନ ବୈଠକରେ ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇଥିଲେ। ଜିଲାପାଳଙ୍କ ବିଜ୍ଞପ୍ତି ସରକାରୀ ନିର୍ଦ୍ଦେଶନାମା ନ ଥିଲେ ମଧ୍ୟ ଭଲ ସଫଳତା ମିଳିଥିବାରୁ ଅନ୍ୟ ଅଧିକାରୀମାନେ ନୂଆ ପଦକ୍ଷେପ ନେଇ ଜିଲାର ବିକାଶ ଦିଗରେ ସହାୟକ ହୁଅନ୍ତୁ ବୋଲି ସେ କହିଥିଲେ।

# ୭୯୦ରୁ ୧୯୫ପାଣି ପଞ୍ଚାୟତ କାମ କରୁନି

- ଅପଚୟ ବଢୁଥିବାରୁ ଭୂତଳ ଜଳସ୍ତର ଖସୁଛି
- ଜଳସଙ୍କଟ ଏଡ଼ାଇବା ପାଇଁ ଗୁରୁତ୍ୱ
- ଜିଲା ସ୍ତରୀୟ ପାଣି ପଞ୍ଚାୟତ ପକ୍ଷରେ ପାଣିର ଚିନ୍ତା

ନୟାଗଡ଼,୩୧ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଜଳ ସମ୍ପଦ ବିଭାଗ ପକ୍ଷରୁ ନୟାଗଡ଼ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜଳ ସମ୍ପଦ ଅଧୀକ୍ଷଣ ଯନ୍ତ୍ରୀ ପ୍ରୀତମ ଚେତନ ପୋଥଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପକ୍ଷ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ନୟାଗଡ଼ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ସମ୍ମାନିତ ଅତିଥି ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ପଣ୍ଡା, ଜିଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୟ କୁମାର ଦଳେଇ, ଉଠାଜଳସେଚନ ନିର୍ବାହୀ ଯନ୍ତ୍ରୀ ଖଗେଶ୍ୱର ନାୟକ ପ୍ରମୁଖ ଯୋଗଦେଇ ପାଣିର ଅପବ୍ୟୟ ଉପରେ ଚିନ୍ତା ପ୍ରକଟ କରିଥିଲେ। ଜିଲାରେ ୭୯୦ ପାଣି ପଞ୍ଚାୟତ ଥିବାବେଳେ ଏଥିରୁ ୧୯୫ କାର୍ଯ୍ୟକ୍ଷମ ହେଉନାହିଁ। ଅନ୍ୟପକ୍ଷେ ପାଣି ଅପଚୟ ବଢୁଥିବାରୁ ଜଳସ୍ତର ତଳକୁ ଖସୁଛି। ଏଣୁ ଜିଲାରେ ଆଗାମୀ ପିଢ଼ି ପାଇଁ ଜଳସଙ୍କଟ ଦେଖା ଦେବ। ଏହାକୁ ଏଡାଇବାକୁ ହେଲେ ପାଣିଅପଚୟ ନ କରିବାକୁ ବକ୍ତାମାନେ ପାଣି ପଞ୍ଚାୟତ ପକ୍ଷରେ କହିଥିଲେ। ଏଥିରେ ପାଣି ପଞ୍ଚାୟତ ସଦସ୍ୟ ଶପଥ ପାଠ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରାଯାଇଥିଲା। ପାଣି ପଞ୍ଚାୟତର ବାର୍ତ୍ତା ସାଂସ୍କୃତିକ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥିଲା। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପଣ୍ଡା କହିଥିଲେ, ୨୦୦୨ ମସିହାରୁ ପାଣି ପଞ୍ଚାୟତ କାମ କରୁଛି। ହେଲେ ଆମେ ମରୁଡ଼ିକୁ ରୋକି ପାରୁନାହେଁ। ପାଣି ଅପଚୟ ବନ୍ଦ ହେଉଥିଲେ ମରୁଡ଼ି ପରିସ୍ଥିତିରେ ସୁବିଧାରେ ମୁକାବିଲା କରାଯାଇ ପାରନ୍ତା। ଜିଲା ପରିଷଦ ଅଧ୍ୟକ୍ଷ ପଟ୍ଟନାୟକ କହିଥିଲେ, କାର୍ଯ୍ୟକ୍ଷମ ହେଉ ନ ଥିବ ପାଣି ପଞ୍ଚାୟତକୁ ସଚଳ କରିବାକୁ ପରାମର୍ଶ ଦେଇଥିଲେ। ପାଣି ଅପଚୟ ହେଉଥିବାରୁ ଭୂତଳ ଜଳସ୍ତର ଖସିବାରେ ଲାଗିଛି ବୋଲି ସେ କହିଥିଲେ।

# ପରମ୍ପରା ବଜାୟ ରଖୁଛି ଲୋକକଳା


କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ।

ଶରଣକୁଳ, ୩୧ (ଦୀପକ କର)

**ଭଣ୍ଡାର ମହୋତ୍ସବ, ପଲ୍ଲିଶ୍ରୀ ମେଳାର ଚତୁର୍ଥ ସନ୍ଧ୍ୟା**

ଶରଣକୁଳ ଭଣ୍ଡାର ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଚତୁର୍ଥ ସନ୍ଧ୍ୟା ଶୁକ୍ରବାର ଥିଲା। ଏହି ଅବସରରେ ଆୟୋଜିତ ସଭାରେ ଅନୁଷ୍ଠାନର ଉପସଭାପତି ପ୍ରମୋଦ କୁମାର ପ୍ରଧାନ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଓଡଗାଁ ତହସିଲଦାର ମାନସ ରଞ୍ଜନ ଭୋଇ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ତହସିଲଦାର ଜି ସିନୁ ଏବଂ ଓଡ଼ଗାଁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ପ୍ରଭୁ ଲଡୁବାବାଙ୍କ ନିକଟରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅତିଥି ପରିଚୟ ପ୍ରଦାନ ପର୍ବପରେ ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ ଲଡୁବାବାଙ୍କ ଅପାର କରୁଣାରୁ ଆୟୋଜକଙ୍କ ବଳିଷ୍ଠ ନେତୃତ୍ୱ ଏବଂ କଠିନ ପରିଶ୍ରମ ଯୋଗୁ ଏହି ମହୋତ୍ସବ ଅତ୍ୟନ୍ତ ସରସ ସୁନ୍ଦର ହେବାରେ ଲାଗିଛି। ଭବିଷ୍ୟତରେ ବହୁତ ଆଡମ୍ବରପୂର୍ଣ୍ଣ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ପରେ ଅତିଥିମାନେ ସାମାଜିକ କର୍ମୀ ଗୀତାଞ୍ଜଳି ମହାପାତ୍ର, ଆଦର୍ଶ ଶିକ୍ଷକ ଘନଶ୍ୟାମ ରାଉତ, କବି ତଥା ପ୍ରକୃତି ବନ୍ଧୁ ପରମାନନ୍ଦ ସ୍ୱାଇଁଙ୍କୁ ଉପଢୌକନ ଓ ମେମେଣ୍ଟ ଦିଆଯାଇ ସମ୍ବର୍ଦ୍ଧିତ କରିଥିଲେ। ଶୀତୁଆ ସନ୍ଧ୍ୟାର ମୁକ୍ତାକାଶ ରଙ୍ଗମଞ୍ଚରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିବା ପରେ କଳାଜୀବୀ ଅନୁଷ୍ଠାନ, ବରଗଡ଼ ଦ୍ୱାରା ଡାଲଖାଇ, ଜାମୁଡାଲି, ପଞ୍ଚରଶି, ରଙ୍ଗବତୀ ଲୋକ ନୃତ୍ୟ ଏବଂ ଗଡ଼ ମେକର, କେନ୍ଦ୍ରାପଡ଼ା ଦଳ ରଥଯାତ୍ରା ଆଧାରିତ ରଥ ନୃତ୍ୟ ପରିବେଷଣରେ ଦର୍ଶକମାନେ ବିଭୋର ହୋଇଥିଲେ। ସଂସ୍କୃତି ଓ ପରମ୍ପରାକୁ ଯୁବପିଢ଼ିଙ୍କୁ ଅବଗତ କରାଇବା ସହ ଲୁକ୍କାୟିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ଏହି ମହୋତ୍ସବର ଲକ୍ଷ୍ୟ ବୋଲି ମତ ପ୍ରକାଶ ପାଇଥିଲା। ବିଶେଷ ଭାବେ ଖାଦ୍ୟ ପଦାର୍ଥ ମିଳୁଥିବା ବିଭିନ୍ନ ଷ୍ଟଲରେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମଗୁଡ଼ିକୁ ଭାବଗ୍ରାହୀ ମହାପାତ୍ର ଓ ନୀଳମାଧବ ମିଶ୍ର ଉପସ୍ଥାପନ କରିଥିବା ବେଳେ ମହୋତ୍ସବ କମିଟି ସମ୍ପାଦକ ରବୀନ୍ଦ୍ର ମହାପାତ୍ର, ସହସମ୍ପାଦକ ବଳଭଦ୍ର ସ୍ୱାଇଁ ଏବଂ ଭାଗବତ ସେଠୀ ସହଯୋଗ କରିଥିଲେ।

# ଉଭୟ ପକ୍ଷର ୧୨ଜଣଙ୍କ ନାମରେ ମାମଲା ରୁଜୁ, ୩ ଗିରଫ

ଓଡଗାଁ, ୩୧ (ଆଦର୍ଶ କୁମାର ପଟ୍ଟନାୟକ)

**ମହୁଲିଆ ଗ୍ରାମରେ କମେଣ୍ଟ ମରାକୁ ନେଇ ସଂଘର୍ଷ ମାମଲା**

- ୨ ପ୍ଲାଟୁନ ପୋଲିସ ମୁତୟନ

ଓଡଗାଁ ଆଦର୍ଶ ଥାନା ଅନ୍ତର୍ଗତ ମହୁଲିଆ ଗ୍ରାମରେ ଗୁରୁବାର କମେଟ ମରାକୁ ନେଇ ଗୋଷ୍ଠୀ ସଂଘର୍ଷ ମାମଲାରେ ପୋଲିସ ଉଭୟପକ୍ଷର ୧୨ଜଣଙ୍କ ବିରୋଧରେ ମାମଲା ରୁଜୁ କରିଛି। ଶୁକ୍ରବାର ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବିନାୟକ ରାଉତ, ଲକ୍ଷ୍ମୀଧର ନାୟକ ଓ ଶିବ ନାୟକ। ସେମାନଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଫେରାର ଥିବା ୯ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରିବାକୁ ପୋଲିସ ଉଦ୍ୟମ କରୁଥିବା ଜଣାଯାଇଛି। ଅନ୍ୟପକ୍ଷେ ଗାଁରେ ଉତ୍ତେଜନା ରହିଥିବାରୁ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଥିବା ଜଣାଯାଇଛି।

# ପାଲା ମାଧ୍ୟମରେ ସଡ଼କ ସୁରକ୍ଷା ସଚେତନତା

ଦଶପଲ୍ଲା,୩୧ (ପ୍ରକାଶ କୁମାର ପାଣି)

ନୟାଗଡ଼ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଦଶପଲ୍ଲାରେ ପାଲା ମାଧ୍ୟମରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୟାଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ ଓ ସ୍ମାଇଲ ଫାଉଣ୍ଡେଶନର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାଲା ଗାୟକ ସୁବାସ ଚନ୍ଦ୍ର ଗ୍ରହାଚାର୍ଯ୍ୟଙ୍କ ନେତୃତ୍ୱରେ ସାଥୀମାନେ ପାଲା ପରିବେଷଣ କରି ସଡ଼କ ସୁରକ୍ଷା ସଚେତନତା କରିଥିଲେ। ସ୍ଥାନୀୟ ମେଡ଼ିକାଲର ଛକ ଏବଂ ଦୁର୍ଗା ବଜାରଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାଲା ସହ ସଡ଼କ ସୁରକ୍ଷା ଉପରେ ପ୍ରଚାର ପତ୍ର ମଧ୍ୟ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଦଶପଲ୍ଲାର ସଂକଳ୍ପ ସାହିତ୍ୟ ସେବା ଅନୁଷ୍ଠାନର ଉପସଭାପତି ପ୍ରାଣକୃଷ୍ଣ ବେହେରା, କବି ତଥା ପ୍ରକୃତି ବନ୍ଧୁ କିଶୋର ଚନ୍ଦ୍ର ଦଳବେହେରା, ଅନ୍ତର୍ଯ୍ୟାମୀ ଭୂୟାଁ, ବନମାଳୀ ପ୍ରଧାନ ପ୍ରମୁଖ ଏହି ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ତେବେ ଏହି ପଥପ୍ରାନ୍ତ ସଚେତନତା କାର୍ଯ୍ୟକ୍ରମରେ ବହୁ ଲୋକଙ୍କ ସମାଗମ ହୋଇଥିଲା।



ପାଲା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ।

# ଅଗ୍ନିଶମ କେନ୍ଦ୍ର ପରିସରରୁ ଟ୍ରାନ୍ସଫର୍ମର ହଟାଇବାକୁ ଦାବି

ଖଣ୍ଡପଡ଼ା,୩୧ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ାରୁ ଅଗ୍ନିଶମ ସେବା କେନ୍ଦ୍ର ପରିସରରେ ଦୀର୍ଘବର୍ଷ ଧରି ଅଚଳ ଅବସ୍ଥାରେ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ରହିଛି। ଉକ୍ତ ବିଦ୍ୟୁତ୍ ଟ୍ରାନ୍ସଫର୍ମରଟିକୁ ଅନ୍ୟତ୍ର ଉଠାଇ ଦେବା ନିମନ୍ତେ ଅଗ୍ନିଶମ କେନ୍ଦ୍ର କର୍ତ୍ତୃପକ୍ଷ ବିଦ୍ୟୁତ୍ ବିତରଣ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଫଳ ଶୂନ ବୋଲି ଜଣାପଡିଛି। ୩ବର୍ଷ ତଳେ ବିଦ୍ୟୁତ୍ ଟ୍ରାନ୍ସଫର୍ମରଟି ପୋଡିଯିବା ପରେ ଟିପିସିଓଡିଏଲ କମ୍ପାନୀ କର୍ତ୍ତୃପକ୍ଷ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିଥିବା ଜଣାଯାଇଛି। ମାତ୍ର ଏବେବି ଅଚଳ ବିଦ୍ୟୁତ୍ ଟ୍ରାନ୍ସଫର୍ମରଟି ରାସ୍ତାପାର୍ଶ୍ୱରେ ରହିଥିବାରୁ ଜରୁରୀକାଳୀନ ପରିସ୍ଥିତିରେ ଅଗ୍ନିଶମ ଗାଡ଼ି ଚଳାଚଳ ଲାଗି ଅସୁବିଧା ହେଉଛି। ତେଣୁ ଅଗ୍ନିଶମ ସେବା କେନ୍ଦ୍ର ପରିସରରୁ ବିଦ୍ୟୁତ୍ ଟ୍ରାନ୍ସଫର୍ମରଟିକୁ ତୁରନ୍ତ ହଟାଇବା ପାଇଁ ବିଦ୍ୟୁତ୍ ବିତରଣ କମ୍ପାନୀ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଖବର ପ୍ରକାଶନ ପରେ ମରାମତି ହେଲା ନଳକୂପ

ଖଣ୍ଡପଡ଼ା,୩୧ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ନୋଡାଲ ବିଦ୍ୟାଳୟ ପରିସରରେ ୨ଟି ନଳକୂପ ଦୀର୍ଘଦିନ ଧରି ଅଚଳ ଅବସ୍ଥାରେ ପଡ଼ି ରହିଥିଲା। ଫଳରେ ଛାତ୍ରୀଛାତ୍ରମାନେ ପାନୀୟ ଜଳ ମୁନ୍ଦେ ପାଇ ସମସ୍ୟାର ସମ୍ମୁଖିନ ହେଉଥିଲେ। ଏ ସମ୍ପର୍କିତ ଖବର ଶୁକ୍ରବାର ଖଣ୍ଡପଡ଼ା ନୋଡାଲ ବିଦ୍ୟାଳୟରେ ପାନୀୟ ଜଳ ସମସ୍ୟା ଉକ୍ରଟ ଶିର୍ଷକ ଖବର 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ପରେ ଖଣ୍ଡପଡ଼ା ଜନସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗିଥିଲା। ଖଣ୍ଡପଡ଼ା ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ତ୍ରିଲୋଚନ ବେହେରାଙ୍କ ନିର୍ଦ୍ଦେଶକ୍ରମେ କର୍ମଚାରୀମାନେ ବିଦ୍ୟାଳୟ ପରିସରରେ ପହଞ୍ଚି ହ୍ୟାଣ୍ଡେଲ ନ ଥିବା ନଳକୂପଟିକୁ ମରାମତି କରିଛନ୍ତି। ଦୀର୍ଘଦିନର ବ୍ୟବଧାନ ପରେ ନଳକୂପଟି କାର୍ଯ୍ୟକ୍ଷମ ହୋଇଥିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

# ବିଶୃଙ୍ଖଳିତ ଆଚରଣ: ୪ ପୋଲିସ ନିଲମ୍ବିତ

ନୟାଗଡ଼,୩୧ (ଲୋକନାଥ ମିଶ୍ର)

**ଉଭୟ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇ ଫସିଲେ**

**ଥାନାରେ ୨ ମାମଲା**

ନୟାଗଡ଼ ଟାଉନ ଥାନା ଅଞ୍ଚଳରେ ନୂଆବର୍ଷ ଲାଗି ଜିରୋ ନାଇଟ୍ ସେଲିବ୍ରେଶନ ବେଳେ ବିଶୃଙ୍ଖଳିତ ଆଚରଣ ପାଇଁ ଏସ୍‌ପି ଏସ୍. ସୁଶ୍ରୀ ୪ ଜଣ ପୋଲିସଙ୍କୁ ନିଲମ୍ବିତ କରିଛନ୍ତି। ସେମାନେ ହେଲେ ୩ ହାବିଲଦାର ଦୁର୍ଗାମାଧବ ଦୋରା, ସଞ୍ଜୟ ମହାପାତ୍ର, ସନ୍ତୋଷ ମହାପାତ୍ର, କନଷ୍ଟେବଲ ଦିଲୀପ ବେହେରା। ଦୁର୍ଗାମାଧବ, ସଞ୍ଜୟ ଓ ସନ୍ତୋଷ ରିଜର୍ଭ ପୋଲିସ କାର୍ଯ୍ୟାଳୟରେ କର୍ମଚାରୀ ଥିବାବେଳେ ନୟାଗଡ଼ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଦିଲୀପ କାର୍ଯ୍ୟ କରୁଥିଲେ ବୋଲି ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଜିରୋ ନାଇଟ୍ ସେଲିବ୍ରେଶନ ସମୟର ସେମାନଙ୍କ ମଧ୍ୟରେ ମାରପିଟ୍ ଘଟଣା ପାଇଁ ଟାଉନ ଥାନାରେ ୨ଟି ପୃଥକ୍ ମାମଲା ରୁଜୁ ହୋଇଛି। ପୋଲିସ ମାର୍‌ପିଟ୍ ଘଟଣାର ତଦନ୍ତ କରୁଛି।

ନୟାଗଡ଼ ପୋଲିସ ହାବିଲଦାର ଓ କନଷ୍ଟେବଲ ସଂଘର ୨ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗିରହିଛି। ହାବିଲଦାର ଦୁର୍ଗାମାଧବ କୋଷାଧ୍ୟକ୍ଷ ଥିବାବେଳେ ଅପରପକ୍ଷର ୩ଜଣ ପୋଲିସ ବିପକ୍ଷ ଗୋଷ୍ଠୀର। ବିପକ୍ଷ ଗୋଷ୍ଠୀ କ୍ଷମତା ହାତେଇବାକୁ କିଛିଦିନ ହେଲା କସରତ ଆରମ୍ଭ କରିଥିବା ଚର୍ଚ୍ଚା ହେଉଛି। ଏଭଳିସ୍ଥଳେ ସଂଘର ୨ ଗୋଷ୍ଠୀ ମଧ୍ୟରେ ବିବାଦ ବିସ୍ଫୋରକ ରୂପ ନେବାରେ ଲାଗିଛି ବୋଲି କୁହାଯାଉଛି, ଯାହା ତଦନ୍ତସାପେକ୍ଷ। ପୋଲିସ ବିଭାଗ ପରି ଏକ ଶୃଙ୍ଖଳିତ ବିଭାଗରେ ବିଶୃଙ୍ଖଳା ବଢ଼ିଯିବା ଚିନ୍ତାର କାରଣ ପାଲଟିଛି। କନଷ୍ଟେବଲ ଦିଲୀପଙ୍କ ଅଭିଯୋଗକ୍ରମେ ନଂ. ୩/୨୫ରେ ମାମଲା ରୁଜୁ ହୋଇଥିବାବେଳେ ଦୁର୍ଗାମାଧବଙ୍କ ସ୍ତ୍ରୀ ସଙ୍ଗୀତା ଦୋରାଙ୍କ ଅଭିଯୋଗକୁ ଭିତ୍ତିକରି ନଂ. ୪/୨୫ରେ ମାମଲା ରୁଜୁ ହୋଇଛି। ଏ ନେଇ ସଙ୍ଗୀତା କହିଛନ୍ତି, ସ୍ୱାମୀ ଦୁର୍ଗାମାଧବ ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ହାବିଲଦାର ଭାବେ କାର୍ଯ୍ୟ କରନ୍ତି। ପୁଣି ସେ ଜିଲା ପୋଲିସ ହାବିଲଦାର ସଂଘର କୋଷାଧ୍ୟକ୍ଷ ଅଛନ୍ତି। ଡିସେମ୍ବର ୩୧ ରାତିରେ ଶୁଭେଚ୍ଛା ଜଣାଇବାକୁ ତ୍ରିନାଥ ଛକସ୍ଥିତ ଫ୍ଲେକ୍ସ ଦୋକାନକୁ ଯାଇଥିଲେ। ସେଠାରୁ ଫେରିବାରେ ବିଳମ୍ବ ହେବା ପରେ ଘର ସମ୍ମୁଖରେ ଏପଟସେପଟ ହେଉଥିଲି। ଏହି ସମୟରେ ସଞ୍ଜୟ, ସନ୍ତୋଷ ଓ ଦିଲୀପ ବେହେରା ପ୍ରମୁଖ ସ୍କୁଟି, ବାଇକ୍ ଯୋଗେ ଦୁର୍ଗାମାଧବଙ୍କ ପିଛା କରିଥିଲେ। ଘର ସମ୍ମୁଖରେ ଦୁର୍ଗାମାଧବଙ୍କୁ ୩ ଜଣ ମିଶି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାର୍‌ପିଟ୍ କରିଥିଲେ। ପ୍ରତିବାଦ କରିବାରୁ ଦିଲୀପ ମୋତେ ଅର୍ଦ୍ଧ ଉଲଗ୍ନ କରିପକାଇଥିଲେ। ମୋର ପାଟିତୁଣ୍ଡ ପରେ ଜିରୋ ନାଇଟ୍ ସେଲିବ୍ରେଶନର କେତେଜଣ ଲୋକ ଉଦ୍ଧାର କରିଥିଲେ। ମୋ ସ୍ୱାମୀଙ୍କୁ ହତ୍ୟା କରିବାର ଧମକ ଦେବା ପରେ ମୁଁ ଥାନାରେ ଅଭିଯୋଗ କରିଥିଲି। ଅନ୍ୟପକ୍ଷେ କନଷ୍ଟେବଲ ଦିଲୀପଙ୍କ ଅଭିଯୋଗ ଅନୁସାରେ, ସେ ନୟାଗଡ଼ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ କନଷ୍ଟେବଲ ଭାବେ କାର୍ଯ୍ୟ କରୁଛନ୍ତି। ଡିସେମ୍ବର ୩୧ ରାତିରେ ତ୍ରିନାଥ ଛକସ୍ଥିତ ଫ୍ଲେକ୍ସ ଦୋକାନକୁ ଯାଇଥିଲେ। ସେଠାରେ ଏକୁଟିଆ ଦେଖି ଦୁର୍ଗାମାଧବ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ପରେ ବେକକୁ ଚିପି ହତ୍ୟା ଉଦ୍ୟମ କରିଥିଲେ।

# ମୃତକଙ୍କ ପରିବାରଙ୍କୁ ଭେଟିଲେ ସିପିଆଇ(ଏମ୍) ପ୍ରତିନିଧି ଦଳ

**ଉଜୁଡା ଫସଲ ଯୋଗୁ ୨ଚାଷୀ ମୃତ ଘଟଣା**

ରଣପୁର,୩୧ (ସୁକାନ୍ତ କିଶୋର ଡାକୁଆ)

ଲଗାଣ ବର୍ଷା ପ୍ରଭାବରେ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ନୟାଗଡ଼ ଜିଲାର ରଣପୁର ବ୍ଲକ। ବ୍ଲକର ବଳଭଦ୍ରପୁର ପଞ୍ଚାୟତର ୨ ଜଣ ଚାଷୀ ଉଜୁଡା ଫସଲ ପାଇଁ ଚିନ୍ତାଗ୍ରସ୍ତ ହୋଇ ମୃତ୍ୟୁ ହୋଇଛି। ଶୁକ୍ରବାର ସିପିଆଇ(ଏମ) ଏକ ପ୍ରତିନିଧି ଦଳ ବଳଭଦ୍ରପୁର ପଞ୍ଚାୟତ ବାସୁଦିଆ ଓ ବଳଭଦ୍ରପୁର ଗ୍ରାମ ଗସ୍ତ କରି ଉଭୟ ମୃତକ ଚାଷୀ ପରିବାର ଓ ଗ୍ରାମବାସୀଙ୍କୁ ସହ ସାକ୍ଷାତ କରିଥିଲେ। ମୃତ୍ୟୁର କାରଣ ବୁଝିବା ସହ ଉଜୁଡ଼ା କ୍ଷେତ ବୁଲି ଦେଖିଥିଲେ। ବାସୁଦିଆ ଗ୍ରାମର ମୃତ ଚାଷୀ ଦେବରାଜ ବାରିକ (୬୧) ଚାଷ କରିଥିବା ନିଜର ୩ ମାଣ ସହ ଭାଗ ଚାଷରେ ୫ମାଣ କରିଥିଲେ। ଜମିର ଧାନ ଫସଲର ଅଧିକ ଗଜା ଓ ଗମୁ ହୋଇଥିବାର ଜାନୁଆରୀ ୧ରେ ଦେଖି ଘରକୁ ଫେରି ଚିନ୍ତାରେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିବା କଥା ସ୍ତ୍ରୀ ଓ ପୁଅମାନଙ୍କୁ ଦୁଃଖରେ କହି କହି ଟଳି ପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିଭଳି ବଳଭଦ୍ରପୁର ଗ୍ରାମର ଚାଷୀ ଭଗବାନ ପ୍ରଧାନ(୬୪) ଚାଷ କରିଥିବା ୩ ଏକର ଜମିର ଦେଢ଼ ଏକର ଜମିର ଧାନ ଫସଲରେ ଏବେ ପାଣି ମାଡି ରହିଥିଲା। ଦେଢ଼ ମାଣ ଧାନ କଟା ହୋଇ ତଳେ ପଡ଼ି ଗଜା ହୋଇଥିବା ଜାନୁଆରୀ ୧ରେ ବିଲକୁ ଯାଇ ଦେଖି ସନ୍ଧ୍ୟାରେ ଘରକୁ ଫେରିଥିଲେ। ଫସଲର କ୍ଷତି ସମ୍ପର୍କରେ ନିଜ ସ୍ତ୍ରୀ ସୁମାମଣି ପ୍ରଧାନଙ୍କୁ କହୁଥିଲାବେଳେ ହଠାତ ସେଠାରେ ଟଳି ପଡ଼ିଥିଲେ। ପରିବାର ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ରେଫର କରିଥିଲେ। ଏମ୍ସ ହସ୍ପିଟାଲକୁ ନେଇ ଚିକିତ୍ସା ଚାଲିଥିବା ବେଳେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଓ ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଋଣ ଭାର ଶୁଝିବା ଚିନ୍ତା ଓ ବର୍ଷକର ପରିବାର ଚଳଣିର ଭାରାକ୍ରାନ୍ତ ହିଁ ଚାଷୀ ଦୁହିଁଙ୍କର ମୃତ୍ୟୁର କାରଣ। ତେଣୁ ସରକାର ଉଭୟ ମୃତକ ଚାଷୀଙ୍କ ପାରିବାରଙ୍କୁ ୨୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦେବା ସହ କୃଷି ଋଣ ସମ୍ପୂର୍ଣ୍ଣ ଛାଡ଼ କରିବା ପାଇଁ ପାର୍ଟି ପକ୍ଷରୁ ଦାବି କରାଯାଇଛି। ରଣପୁର ଅଞ୍ଚଳରେ ଚାଷୀ ବର୍ଷା ଭୟରେ କିମ୍ବା ବର୍ଷାରୁ ଉଦ୍ଧାର କରିଥିବା କଞ୍ଚା ଓ ଓଦା ଅମଳ ଧାନକୁ ସରକାର ଏପର୍ଯ୍ୟନ୍ତ ମଣ୍ଡି ଖୋଲି କିଣି ନାହାନ୍ତି। ଫଳରେ ଚାଷୀ ବାଧ ହୋଇ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ୩୧ ସହ ଟଙ୍କାର ଧାନକୁ ୧୯ ସହ ଟଙ୍କାରେ ଖୁଚୁରା ବେପାରୀଙ୍କୁ ଅଭାବି ବିକ୍ରି କରି ଘୋର କ୍ଷତିର ସମ୍ମୁଖୀନ ହେଉଛନ୍ତି। ସରକାର ତୁରନ୍ତ ମଣ୍ଡି ଖୋଲି ବିନା କଟନୀ ଛଟଣୀରେ ଚାଷୀଠାରୁ ଧାନ କିଣି, ଚାଷୀଙ୍କୁ ଋଣ ଛାଡ଼ ସହ ବ୍ୟାପକ ଚାଷ ଋଣ ତୁରନ୍ତ ଯୋଗାଇ ଦେବାକୁ ପ୍ରତିନିଧି ମଣ୍ଡଳୀ ଦାବି କରିଛନ୍ତି। ନଚେତ ପାର୍ଟି ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ପ୍ରତିନିଧି ମଣ୍ଡଳୀରେ ପାର୍ଟିର ଜିଲା ସମ୍ପାଦକ ତଥା କୃଷକ ସଭାର ଜିଲା ନେତା ହରିଶ୍ଚନ୍ଦ୍ର ମିଶ୍ର, ଶ୍ରମିକ ନେତା ସୁରେଶ ସ୍ୱାଇଁ, କ୍ଷେତ ମୂଲିଆ ନେତା ଦୁଃଶାସନ ଜେନା, ଚାଷୀ ନେତା ଗଦାଧର ପ୍ରଧାନ, ସୁଶୀଲ ମହାନ୍ତି, ମହିଳା ନେତ୍ରୀ ସଂଯୁକ୍ତା ସେଠୀ ଓ କୁଳମଣି ପଲେଇ ଉପସ୍ଥିତ ଥିଲେ।


ମୃତ ଚାଷୀଙ୍କ ପରିବାରକୁ ସିପିଆଇ(ଏମ) ପ୍ରତିନିଧି ଦଳ ଭେଟୁଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଶୈଳ


@ ଗୋବର୍ଦ୍ଧନ


@ ଲିପନ


@ ସନମ୍ମ୍ୟତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ଅନନ୍ୟାଙ୍କ 'ଜିୟା ଜିୟା' ଗୀତରେ ଝୁମିଲେ ଦର୍ଶକ

**ଧର୍ମଶାଳା ମହୋତ୍ସବର ନବମ ସନ୍ଧ୍ୟା**

ଧର୍ମଶାଳା/କାଏମା,୩୧ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ମହୋତ୍ସବର ନବମ ସନ୍ଧ୍ୟା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁକ୍ତାକାଶ ମଞ୍ଚରେ ବଲିଉଡ୍ ଗାୟିକା ଅନନ୍ୟା ଚକ୍ରବର୍ତ୍ତୀ ଏବଂ ଓଲିଉଡ ଗାୟିକା ସୋହାନୀ ମିଶ୍ର ମନଛୁଆଁ ସଙ୍ଗୀତ ପରିବେଷଣ କରିଥିଲେ। ଅନନ୍ୟା ମଞ୍ଚକୁ ଆସି 'ତେରି ଦିୱାନି' ଗୀତ ଗାଇ ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ପରେ ତାଙ୍କର 'ଜିୟା ଜିୟା' ଗୀତରେ ଦର୍ଶକ ଝୁମିଥିଲେ। ମହୋତ୍ସବ ପଡ଼ିଆରେ ଦର୍ଶକଙ୍କ ବହୁ ଭିଡ଼ ପରିଲିଖିତ ହୋଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି ପୋଲିସ ଓ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

ମହୋତ୍ସବ କମିଟି ସଭାପତି ରବିନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଅୟୋଜିତ ସାଂସ୍କୃତିକ ସନ୍ଧ୍ୟାରେ ଯାଜପୁର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଧର୍ମଶାଳାର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ଯାଜପୁର ଏସ୍‌ପି ଯଶପ୍ରତାପ ଶ୍ରୀମଲ ଯୋଗଦେଇ ମହୋତ୍ସବ ମାଧ୍ୟମରେ ଭାଇଚାରା ସମ୍ପର୍କ ସୁଦୃଢ଼ ହେଉଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାବନ୍ଧିକ ମନୋରଞ୍ଜନ ମହାନ୍ତି ଯୋଗଦେଇ ଧର୍ମଶାଳା ହେଉଛି ଏକ ସଂସ୍କୃତିର ମାଟି। ଏଠାରେ ବୌଦ୍ଧ ଧର୍ମର ଅନେକ କଳାକୃତି ଭରିରହିଛି ବୋଲି କହିଥିଲେ। ସଞ୍ଚାଳିକା ଅଙ୍କିତା ମଞ୍ଚ ପରିଚାଳନା କରିବା ସହ ଅତିଥିଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିଲେ। କମିଟିର ସଂଯୋଜକ ଦେବରାଜ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ପବିତ୍ର ମୋହନ ଦାଶ, ଉପସଭାପତି ଶ୍ରୀକାନ୍ତ ସାହୁ, ସମ୍ପାଦକ ଜିତେନ୍ଦ୍ର ରାଉତ, ରାଜେଶ କୁମାର ପାଳ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ଧନ୍ୟବାଦ ଦେଇଥିଲେ।

ଶନିବାର ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମହୋନ ଚରଣ ମାଝୀ, ଶିକ୍ଷମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମବାୟ ମନ୍ତ୍ରୀ ପ୍ରଦୀପ ବଳସମନ୍ତ, ଭାଜପା ଜିଲା ସଭାପତି ଗୌତମରାୟ, ଯାଜପୁର ଏମ୍‌ପି ରବିନାରାୟଣ ବେହେରା, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବଡ଼ଚଣା ବିଧାୟକ ଅମର ନାୟକ, କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ସମେତ ଭାଜପାର ଜିଲାସ୍ତରୀୟ ସମସ୍ତ ନେତୃମଣ୍ଡଳୀ ଯୋଗଦେବେ। ବଲିଉଡ କଣ୍ଠଶିଳ୍ପୀ ମିକା ସିଂ ଓ ତାଙ୍କ ସାଥୀଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।



ବଲିଉଡ୍ ଗାୟିକା ଅନନ୍ୟା ଚକ୍ରବର୍ତ୍ତୀ, ଓଲିଉଡ ଗାୟିକା ସୋହାନୀ ମିଶ୍ର।


ସାଂସ୍କୃତିକ ସନ୍ଧ୍ୟାରେ ଯୋଗ ଦେଇଥିବା ଅତିଥିମାନେ।

# ଗ୍ରାମାଞ୍ଚଳ କଳାକାରଙ୍କ ନୃତ୍ୟଗୀତରେ ମଞ୍ଚ ଦୁଲୁକିଲା



ସଙ୍ଗୀତର ତାଳେ ତାଳେ ୨ କଳାକାର ନୃତ୍ୟ ପରିବେଷଣ କରୁଛନ୍ତି।

**କୁଆଖିଆ ମହୋତ୍ସବ**

ରସୁଲପୁର,୩୧ (ରଂଜିତ ରାଉତ)

ରସୁଲପୁର ବ୍ଲକ ଅନ୍ତର୍ଗତ ସାରଙ୍ଗପୁର ମେଲଣ ପଡିଆରେ ଆୟୋଜିତ ୧୭ତମ କୁଆଖିଆ ମହୋତ୍ସବର ଏକାଦଶ ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳର କଳାକାରମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଛନ୍ତି।

୬୦ରୁ ଊର୍ଦ୍ଧ୍ୱ କୁନି କଳାକାରଙ୍କ ନୃତ୍ୟଗୀତରେ ମଞ୍ଚ ଦୁଲୁକି ଉଠିଥିଲା। ବିଚାରକ ମଣ୍ଡଳି ଦ୍ୱାରା କୃତୀ କଳାକାରଙ୍କୁ ଚୟନ କରାଯାଇଥିଲା। ଏଠାରେ ଆୟୋଜିତ ନୃତ୍ୟକଳାକୁ ଉପଭୋଗ କରିବା ପାଇଁ ବିଭିନ୍ନ ଅଞ୍ଚଳର ଦର୍ଶକଙ୍କ ସମାଗମ ହୋଇଥିଲା। ଅଭିଭାବକ ମଞ୍ଚ ପାର୍ଶ୍ୱରେ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ନୃତ୍ୟ ଓ ସଂଗୀତ ଗୁରୁଙ୍କ ଉପସ୍ଥିତି କଳାକାରଙ୍କୁ ଉନ୍ନତ ପ୍ରଦର୍ଶନ କରିବାକୁ ପ୍ରେରିତ କରିଥିଲା। କୁଆଖିଆ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯିବା ସହ ମହୋତ୍ସବ ପଡିଆରେ ସୂଚନା କେନ୍ଦ୍ରକୁ ଅଧିକ କ୍ରିୟାଶୀଳ କରାଯାଇଥିଲା। ଭିଡ଼କୁ ଦୃଷ୍ଟିରେ ରଖି ମହୋତ୍ସବ ପଡ଼ିଆକୁ ସଂଯୋଗ କରୁଥିବା କୁଆଖିଆ-ହରିପୁର ରାସ୍ତାର ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ କରାଯାଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ସ୍ୱେଚ୍ଛାସେବୀ ଓ ପୋଲିସ କର୍ମଚାରୀ ପ୍ରହରା ଦେଇ ଯାନବାହନର ଯାତାୟାତକୁ ସୁ-ବ୍ୟବସ୍ଥିତ କରିଥିଲେ। ମହୋତ୍ସବ ପଡ଼ିଆରେ ଖୋଲିଥିବା ବିଭିନ୍ନ ପ୍ରକାର ଖାଦ୍ୟ ଷ୍ଟଲ ଯଥା ; ମଥୁରା କେକ୍, ଠୁକାଁପୁରୀ, କାଶ୍ମିରୀ ଲଙ୍କା ଚପ୍, ସିଝା ମକ୍କା, ଫାଷ୍ଟଫୁଡ୍ ଆଦି ଦୋକାନ ନିକଟରେ ମହିଳାମାନଙ୍କ ଅଧିକ ଭିଡ ଜମିଥିଲା। ମୀନା ବଜାର ଓ ଦୋଳି ପ୍ରତି ପିଲା ଆକର୍ଷିତ ହୋଇଥିଲେ। ମହୋତ୍ସବ କମିଟି ସାଂସ୍କୃତିକ ସମ୍ପାଦକ ଉମେଶ ନାୟକ, ମହାସଚିବ ଅରୁଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।


ଧରିତ୍ରୀର ୫୧ତମ ଜନ୍ମବାର୍ଷିକୀ ଓ ନବବର୍ଷ - ୨୦୨୫ ଅବସରରେ କଲେଜର ସମସ୍ତ ଛାତ୍ରୀଛାତ୍ର, ଅଧାପିକା/ଅଧାପକ, କର୍ମଚାରୀ, ଅଞ୍ଚଳର ସମସ୍ତ ଛାତ୍ରଭିଭାବକ ଓ ଶିକ୍ଷାପ୍ରେମୀ ଜନସାଧାରଣଙ୍କୁ ଅଭିନନ୍ଦନ ଜ୍ଞାପନ କରୁଛି । ରସୁଲପୁର ବ୍ଲକ ଅଞ୍ଚଳର ଏକ ପ୍ରତିଷ୍ଠିତ କଲେଜ ଭାବରେ ମଧୁପୁର କଲେଜ-କଲଣ ତା'ର ଗୌରବକୁ ବଜାୟ ରଖିବା ପାଇଁ ପ୍ରୟାସ ଜାରି ରହିଛି । ଏହି ମହାବିଦ୍ୟାଳୟକୁ ରାଜ୍ୟରେ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବରେ ଗଢି ତୋଳିବା ପାଇଁ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ସହଯୋଗ କାମନା କରୁଛି ।



**ପ୍ରଦୀପ ଦାଶ**
ଅଧକ୍ଷ, ମଧୁପୁର କଲେଜ, କଲଣ, ରସୁଲପୁର ବ୍ଲକ
ଜିଲ୍ଲା - ଯାଜପୁର



ଧରିତ୍ରୀର ୫୧ତମ ସ୍ୱନକ୍ଷତ୍ର ଉତ୍ସବ ଓ ନବବର୍ଷ - ୨୦୨୫ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭକାମନା ଜଣାଇବା ସହ ରାଜ୍ୟବାସୀଙ୍କ ସୁସ୍ଥ, ନୀରୋଗ, ନିରାମୟ ଜୀବନ କାମନା କରୁଅଛୁ ।

**ଡାକ୍ତର ବସନ୍ତ କୁମାର ପଣ୍ଡା**
ସ୍ୱାସ୍ଥ୍ୟ ଅଧିକାରୀ ଆୟୁଷ ବିଭାଗ, ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ରସୁଲପୁର ବ୍ଲକ, ଜିଲ୍ଲା - ଯାଜପୁର

**ଶ୍ରୀମତୀ ମମତା ପଣ୍ଡା**
ଅଧକ୍ଷା, ନେମ୍ ଆଣ୍ଡ ଫେମ୍ ପବ୍ଲିକ୍ ସ୍କୁଲ, ପାଣିକୋଇଲି, ଜିଲ୍ଲା - ଯାଜପୁର


# ଅମିତ ଶାହାଙ୍କ ବହିଷ୍କାର ଦାବି

ଧର୍ମଶାଳା,୩୧
(ବଟକୃଷ୍ଣ ପରିଡାସ)

ବିଆର୍ ଆମ୍ବେଡକରଙ୍କ ପ୍ରତି କେନ୍ଦ୍ରମନ୍ତ୍ରୀ ଅମିତ ଶାହାଙ୍କ ମନ୍ତବ୍ୟକୁ ଧର୍ମଶାଳା ଦଳିତ ସଂଗଠନ ତରଫରୁ ବିରୋଧ କରାଯାଇଛି। ଏଥିସହ ତାଙ୍କ ବହିଷ୍କାର ଦାବି କରାଯାଇଛି। ଏନେଇ ସଂଗଠନ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ମହାନ ସମାଜ ସୁଧାରକ ଓ ଆଧୁନିକ ଭାରତର ନିର୍ମାତାଙ୍କୁ ସଂସଦରେ ଶାହା ଯେପରି ଅସମ୍ମାନ କରି 'ଫେଶନ'କହିବା ଓ 'ଆମ୍ବେଡକର, ଆମ୍ବେଡକର, ଆମ୍ବେଡକର' ୭ ଥର କହି ସେ ନାମ ଜାଗାରେ ଭଗବାନ ନାମ ନେଇଥିଲେ ମହାପୁଣ୍ୟ ଓ ସ୍ୱର୍ଗ ପ୍ରାପ୍ତି ହୋଇଥାନ୍ତା 'କହିଲେ ତାହା ଭାରତ ବାସୀଙ୍କୁ ଆଘାତ ଦେଇଛି। ତାଙ୍କୁ ଅସମ୍ମାନ ଦେଶର ଗୌରବକୁ କୁଠାରଘାତ ବୋଲି ସଂଗଠନ ଅଭିଯୋଗ କରିଛି। ଏନେଇ ସଂଗଠନ ପକ୍ଷରୁ ଏକ ପ୍ରତିବାଦ ଶୋଭାଯାତ୍ରା ଶାନ୍ତି ବଜାର ଛକରୁ ବାହାରି ବ୍ଲକ ସମ୍ମୁଖ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା। ସେଠାରେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ବ୍ଲକ୍ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଶେଷରେ ଶାହାଙ୍କୁ ବହିଷ୍କାର ଦାବିରେ ସଙ୍ଗଠନ ପକ୍ଷରୁ ବିଡିଓ ଦାୟିତ୍ୱରେ ଥିବା ଧର୍ମଶାଳା ତହସିଲଦାର ଶୁଭଙ୍କର ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସୁରେନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ମନୋରଞ୍ଜନ ଜେନା, ଦୁଷ୍ମନ୍ତ ଜେନା, ହରିହର ମଲ୍ଲିକ, କ୍ଷେତ୍ରବାସୀ ମଲ୍ଲିକ, ସୁଦର୍ଶନ ଦାସ, ଗୋବିନ୍ଦ ମଲିକ, ଶ୍ରୀକାନ୍ତ ମଲିକ, ବସନ୍ତ ଜେନା, ଚିତ୍ରସେନ ମଲ୍ଲିକ, ପ୍ରଶାନ୍ତ ମଲ୍ଲିକ, ବ୍ରହ୍ମାନନ୍ଦ ତରେଇ, ପଚାନନ ମଲ୍ଲିକ ଓ ବିକାଶ ଦାସ ପ୍ରମୁଖ ସାମିଲ ହୋଇଥିଲେ।




ନବବର୍ଷ ୨୦୨୫ ଓ ଧରିତ୍ରୀର ୫୧ତମ ସ୍ୱନକ୍ଷତ୍ର ଦିବସ ଅବସରରେ ବରୀ ଅଞ୍ଚଳର ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକ ଓ ଜନସାଧାରଣମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ
**ଶୁଭକାମନା**
**ପ୍ରଦ୍ୟୁମ୍ନ ଶତପଥୀ**
ଅଧକ୍ଷ, କାଶୀନାଥ ଡିଗ୍ରୀ ମହାବିଦ୍ୟାଳୟ

ନବବର୍ଷ ୨୦୨୫ ଓ ଧରିତ୍ରୀର ୫୧ତମ ସ୍ୱନକ୍ଷତ୍ର ଦିବସ ଅବସରରେ ବରୀ ଅଞ୍ଚଳର ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ଓ ଜନସାଧାରଣମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ
**ଶୁଭକାମନା**



**ସିଦ୍ଧାର୍ଥ ବିଶ୍ୱାଳ**
ଅଧକ୍ଷ, କାଶୀନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଧରିତ୍ରୀର ୫୧ତମ ଜନ୍ମବାର୍ଷିକୀ ଓ ନବବର୍ଷ - ୨୦୨୫ ଅବସରରେ ସମସ୍ତଙ୍କୁ ଅଭିନନ୍ଦନ ଜ୍ଞାପନ କରୁଅଛି । ଏଥିସହ କଲେଜର ସମସ୍ତ ଛାତ୍ରୀଛାତ୍ର, ଅଧାପିକା ଅଧାପକ, କର୍ମଚାରୀ, ଛାତ୍ରାଭିଭାବକ, ଶିକ୍ଷାପ୍ରେମୀମାନଙ୍କୁ ଶୁଭେଚ୍ଛା ଜଣାଇ କଲେଜର ଗୌରବକୁ ଉଚ୍ଚା କରିବା ପାଇଁ ଆପଣମାନଙ୍କର ସହଯୋଗ କାମନା କରୁଅଛି ।




**ପ୍ରଶାନ୍ତ କୁମାର ଘଡ଼େଇ**
ଅଧକ୍ଷ, ମଧୁବନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମଧୁବନହାଟ, ରସୁଲପୁର ବ୍ଲକ, ଜିଲ୍ଲା - ଯାଜପୁର

ଧରିତ୍ରୀର ୫୧ତମ ଜନ୍ମବାର୍ଷିକୀ ଓ ନବବର୍ଷ - ୨୦୨୫ ସମସ୍ତଙ୍କ ପାଇଁ ଉତ୍କର୍ଷର ବର୍ଷ ହେଉ । ଏଥିସହ କଲେଜର ସମସ୍ତ ଛାତ୍ରୀଛାତ୍ର, ଅଧାପିକା/ଅଧାପକ, କର୍ମଚାରୀ, ଅଞ୍ଚଳର ସମସ୍ତ ଛାତ୍ରାଭିଭାବକ ଓ ଶିକ୍ଷାପ୍ରେମୀ ଜନସାଧାରଣଙ୍କୁ ଅଭିନନ୍ଦନ ଜ୍ଞାପନ କରୁଛି । ରସୁଲପୁର ବ୍ଲକ ଅଞ୍ଚଳର ସର୍ବପୁରାତନ କଲେଜ ଭାବରେ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟର ଗୌରବକୁ ବଜାୟ ରଖିବା ପାଇଁ ପ୍ରୟାସ ଜାରି ରହିଛି । କଲେଜକୁ ରାଜ୍ୟରେ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବରେ ଗଢି ତୋଳିବା ପାଇଁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ସହଯୋଗର ହାତ ବଢାଇବାକୁ ନିବେଦନ କରୁଛି ।




**ଲକ୍ଷ୍ମୀ ନାରାୟଣ କର**
ଅଧକ୍ଷ, ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟ, ଖଇରାବାଦ-ମୁଗୁପାଳ, ରସୁଲପୁର, ଜି - ଯାଜପୁର



ମଧୁସୂଦନ ଦଳାଇ — ପ୍ରଧାନଶିକ୍ଷକ, କନକ ଦୁର୍ଗା ବିଦ୍ୟାପୀଠ, ବାଲିବିଲ, ବରୀ
ଜ୍ୟୋତିରଞ୍ଜନ ସାହୁ — ପ୍ରଧାନଶିକ୍ଷକ, କୃପାସିନ୍ଧୁ ବିଦ୍ୟା ଭବନ, ବରୀ
ଡ. ସବ୍ୟସାଚୀ ଦାସ — ମୁଖ୍ୟ ଚିକିତ୍ସା ଅଧିକାରୀ, ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର
ଡ. ନୃସିଂହ ବେହେରା — ସମାଜସେବୀ, ବରୀ
ରଶ୍ମିତା ପରିଡ଼ା — ସରପଞ୍ଚ, କଳାମାଟିଆ
ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ — ସମିତିସଭ୍ୟା, କଳାମାଟିଆ

ଇଂରାଜୀ ନବବର୍ଷ ଅବସରରେ ଧରିତ୍ରୀର କର୍ମକର୍ତ୍ତା, ଅଗଣିତ ପାଠକ, ପାଠିକା ଓ ବରୀ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ନୂତନ ବର୍ଷ ଆପଣଙ୍କ ପାଇଁ ସୁଖ ଓ ସମୃଦ୍ଧିର ବର୍ଷ ହେଉ।

Enrich your Child's future with quality education
in
HI-TECH SCIENCE HIGHER SECONDARY SCHOOL, KUAKHIA
(CHSE & CBSE curriculum) CHSE - 256 Seats
CBSE - 80 Seats
Admission for session 2025-26
Summer Course Starts from 18/03/2025
We are rich in........
- Qualified, committed and dedicated team of teachers.
- Prominent individual attention and caring.
- Teaching and coaching (JEE and NEET) under the same roof.
- Well equipped science and computer labs.
- Enriched library with study materials.



HI-TECH SCIENCE HIGHER SECONDARY SCHOOL, KUAKHIA, JAJPUR
CONTACT- 9090959538, 9090959592

ନୂତନ ବର୍ଷ - ୨୦୨୫, ସୁନ୍ଦରଗଡ଼ ଜିଲା ମହୋତ୍ସବ ଯତ୍ରା ତଥା ଜାତୀୟ ପଲ୍ଲିଶ୍ରୀ ମେଳା ଅବସରରେ ସମଗ୍ର ଜିଲାବାସୀ ଏବଂ ଏଥିରେ ଭାଗ ନେଇଥିବା ସମସ୍ତ କଳାକାର, ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ଆସନ୍ତୁ ସମସ୍ତେ ମିଳିମିଶି ସୁନ୍ଦରଗଡ ଜିଲାର ବିକାଶକୁ ଆହୁରି ଆଗେଇ ନେବା ସହ ଜିଲାର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ସଙ୍କଳ୍ପ ନେବା ।

ଯତ୍ରା-୨୦୨୫



**କୁସୁମ ଟେଟେ**
ପୂର୍ବତନ ବିଧାୟିକା, ସୁନ୍ଦରଗଡ଼ ତଥା ଭାରତୀୟ ଜନତା ପାର୍ଟି, ଓଡ଼ିଶା ରାଜ୍ୟ ଉପସଭାନେତ୍ରୀ

## ସଂକ୍ଷେପରେ

### ଭାଜପା ପକ୍ଷରୁ ଚାଷୀ ସମାବେଶ

ରାଜନଗର, ୩।୧ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଡେରା ପଞ୍ଚାୟତ ଅନ୍ତର୍ଗତ ବଧି ଗ୍ରାମରେ ଭାଜପା ପକ୍ଷରୁ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଭାଜପା ନେତା ନୀଳମଣି ସାହାଣୀଙ୍କ ପୌରୋହିତ୍ୟରେ ଆୟୋଜିତ ସମାବେଶରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଭୂବନ ମୋହନ ଜେନା ଯୋଗଦେଇଥିଲେ। ସେମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃଷକମାନଙ୍କ ସାମଗ୍ରୀକ ବିକାଶ ଏବଂ କୃଷକମାନଙ୍କର କଲ୍ୟାଣ ପାଇଁ ମୁକ୍ତ ହସ୍ତରେ ପର୍ଯ୍ୟାପ୍ତ ଅର୍ଥ ପ୍ରଦାନ କରି ଚାଷୀଙ୍କ ରୋଜଗାରକୁ ଦ୍ୱିଗୁଣିତ କରିଥିବାରୁ ଉଭୟଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଚାଷୀମାନଙ୍କ ବିକାଶ ଧାରାର ପ୍ରତିଛବି ଆଜି ଡେରା ପଞ୍ଚାୟତରେ ଦେଖିବାକୁ ମିଳିଛି। ଏଥିରେ ରାଜ୍ୟ କୃଷକ ମୋର୍ଚ୍ଚାର ସଦସ୍ୟ ରାଜକିଶୋର ସାହୁ, ରାଜ୍ୟ ମଣ୍ଡିଚାଲ ସଦସ୍ୟ ପବିତ୍ର ପରିଡା, ଜିଲା ଉପସଭାପତି ସଦାଶିବ ଜେନା, ଯୁବନେତା ଦିଲୀପ ରଞ୍ଜନ ପାଲ, ବିଜୟ ବଳ, କ୍ରୀଷ୍ଣା ବେହେରା, ପ୍ରମୋଦ ଦାସ ପ୍ରମୁଖ ଯୋଗଦେଇଥିଲେ।

# ହଟ୍ଟଗୋଳ: ଗୃହ ପରିତ୍ୟାଗ କଲେ ସରପଞ୍ଚ, ସମିତିସଭ୍ୟ

ରାଜକନିକା, ୩।୧ (ସଞ୍ଜୟ କୁମାର ଦାଶ)

ରାଜକନିକା ପଞ୍ଚାୟତ ସମିତିର ଶୁକ୍ରବାର ୬ଷ୍ଠ ସାଧାରଣ ଅଧିବେଶନ ବେଳେ ଅଧାରୁ ହଟ୍ଟଗୋଳ ସହ ସରପଞ୍ଚ, ସମିତିସଭ୍ୟମାନେ ଗୃହ ପରିତ୍ୟାଗ କରିଥିବା ଜଣାଯାଇଛି। ସରପଞ୍ଚ, ସମିତିସଭ୍ୟଙ୍କ ଅଭିଯୋଗ ଅନୁଯାୟୀ, ୩ ବର୍ଷ ପରେ ୬ଟି ଅଧିବେଶନ ହୋଇଛି। ବର୍ଷକୁ ୬ଟି ହେବାର ନିୟମ ଥିବାବେଳେ ଅଧିବେଶନ ହେଉନାହିଁ। ଯେଉଁ ଅଧିବେଶନ ହେଉଛି ସେଥିରେ କୌଣସି ବିଷୟ ଠିକ୍ ଭାବେ ସ୍ଥାନ ପାଉନାହିଁ। ନିୟମକାନୁନ୍ ଫାଙ୍କି ସଦସ୍ୟମାନଙ୍କୁ ଅଧିବେଶନ ସରିବାର ୧୫ ଦିନ ମଧ୍ୟରେ କପି ମିଳୁନାହିଁ। ଲୋକଙ୍କ ଦ୍ୱାରା ନିର୍ବାଚିତ ସଦସ୍ୟଙ୍କ ଆଲୋଚନାରେ ଦାବି ସ୍ଥାନ ପାଉନାହିଁ କି ପୂରଣ ହେଉନାହିଁ। ଅଧ୍ୟକ୍ଷା ନିଜେ ଗୃହରେ କୌଣସି ବିବୃତି ଦେଉନାହାନ୍ତି। ପୂରା ଅଧିବେଶନର ଆଲୋଚନା କରା ନ ଯାଇ ସିଧା ଏଜେଣ୍ଡାକୁ ଆଲୋଚନା କରାଯାଇଥିଲା। ଫଳରେ କେତେଜଣ ସଦସ୍ୟ ଜିଦ୍ କରିବା, ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କ ସମ୍ପର୍କରେ ଆଲୋଚନା ପାଇଁ ବିରୋଧୀ କଂଗ୍ରେସ ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟଙ୍କ ପ୍ରସ୍ତାବକୁ ଅଣଦେଖା କରିବାରୁ ଅଧିବେଶନରେ ହଟଗୋଳ ସୃଷ୍ଟି ହୋଇଥିଲା। ସଦସ୍ୟମାନଙ୍କ ଗୃହରେ କୌଣସି ସମ୍ମାନ ଦିଆ ନ ଯାଇ ତାଙ୍କୁ ବାହାରି ଯିବାକୁ କୁହାଯାଇଥିଲା। କୌଣସି

**ରାଜକନିକା ପଞ୍ଚାୟତ ସମିତିର ଷଷ୍ଠ ସାଧାରଣ ଅଧିବେଶନ**



ଅଧିବେଶନରେ ସଭ୍ୟମାନେ ପାଟିତୁଣ୍ଡ କରୁଛନ୍ତି।

ଗୋଟିଏ ବି ଦାବି ପୂରଣ ନ ହେବା କାରଣରୁ କଂଗ୍ରେସ ସମର୍ଥିତ ୧୦ ସରପଞ୍ଚ ଓ ୧୧ ସମିତିସଭ୍ୟ ପ୍ରଥମେ ଏହାର ପ୍ରତିବାଦ କରି ଗୃହତ୍ୟାଗ କରିଥିଲେ। ପରେ ବାରମ୍ବାର ଆଲୋଚନାକୁ ଅପ୍ରାସଙ୍ଗିକ କରିବା, ଜଣକ ପରେ ଜଣେ ନୂଆ ବିଡିଓ ଆସିଲେ ବି ସମିତି ଅଧିବେଶନରେ କୌଣସି ପରିବର୍ତ୍ତନ ନ ହେବା ଧାରାରେ ଅତିଷ୍ଠ ସଦସ୍ୟ ଶେଷରେ ବୈଠକ ବର୍ଜନ କରି ଚାଲି ଯାଇଥିଲେ। ବୈଠକ ଆରମ୍ଭରୁ ହୋହାଲ୍ଲା ଚାଲିଥିବାବେଳେ ବିଡିଓ ଆସି ବୁଝାଶୁଝା କରିଥିଲେ ବି କୌଣସି ଫଳ ମିଳି ନ ଥିଲା। କଂଗ୍ରେସର କକ୍ଷ ତ୍ୟାଗ ପରେ ବି କୃଷି, ଶିକ୍ଷା, ଗମନାଗମନ, ରାଶନ କାର୍ଡ ସମସ୍ୟା ମୁଖ୍ୟ ପ୍ରସଙ୍ଗ ସହ ଦାନା ବାତ୍ୟାର କ୍ଷୟକ୍ଷତିର ପୁନଃ ଆକଳନ ଓ ଅଦିନିଆ ବର୍ଷାରେ ଚାଷୀଙ୍କ କ୍ଷୟକ୍ଷତିର ଠିକ୍ ଆକଳନ କରାଯିବା ନେଇ ଆଲୋଚନା ହୋଇଥିବା ବିଡିଓ କହିଛନ୍ତି।

ଏହି ଅଧିବେଶନରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ରାଉତ ନୂଆବର୍ଷର ଶୁଭେଚ୍ଛା ଜଣାଇବା ପରେ ସଭା ଆରମ୍ଭ ହୋଇଥିଲା। ବୈଠକରେ ବିଧାୟକଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ଦାସ, ବିଡିଓ ଦାୟିତ୍ୱରେ ଥିବା କନିକା ତହସିଲଦାର ଅଶୋକ କୁମାର ଦେହୁରୀ, ଜିଲା ପରିଷଦ ସଦସ୍ୟ ପ୍ରତାପ ବେହେରା ଓ ଅମିତା ସାହୁଙ୍କ ସହ ସମସ୍ତ ୨୯ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ। ବୈଠକ ଆରମ୍ଭରୁ ବରୁଣାଡ଼ିହା ସରପଞ୍ଚ ଦୁର୍ଯ୍ୟୋଧନ ମହାନ୍ତି, ଦେଉଳତରା ପଞ୍ଚାୟତ ସମିତିସଭ୍ୟ ବାବୁରାମ ଜେନା, ଭାରିଗଦା ସମିତିସଭ୍ୟ ଶରତ କୁମାର ରାଉତ ଓ ବରୁଣାଡ଼ିହା ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ, ବଳରାମପୁର ସମିତି ସଭ୍ୟ ଅଞ୍ଜନା ସାହୁଙ୍କ ସମେତ କଂଗ୍ରେସ ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟମାନେ ପୂର୍ବ ବୈଠକରେ ଆଲୋଚନା ହୋଇଥିବା ଏଜେଣ୍ଡା ଅନୁଯାୟୀ କେତେ କାର୍ଯ୍ୟ ହୋଇଛି ସେ ନେଇ ଉତ୍ତର ରଖିବାକୁ ଅନୁରୋଧ କରିଥିଲେ। ଏହାକୁ ନେଇ ଗୃହରେ ହୋହାଲ୍ଲା ହୋଇଥିଲା। ସେମାନେ ଅଭିଯୋଗ କରିଥିଲେ, ଗୃହରେ ଆମକୁ କହିବାକୁ ସୁଯୋଗ ଦିଆଯାଉନାହିଁ। ସାଧାରଣତଃ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂହଙ୍କ ପାଇଁ ଶୋକ ପ୍ରସ୍ତାବ ଅଣାଯାଇ ଗୃହରେ ଶୋକ ପାଳନ ପରେ ଗୃହ କାର୍ଯ୍ୟ ଆରମ୍ଭ ହେବା କଥା। ତାହା କରାଗଲାନାହିଁ। ପୂର୍ବ ବୈଠକର ନିଷ୍ପତ୍ତି ଅନୁଯାୟୀ ରିଜୋଲସନ କପି ସମସ୍ତଙ୍କୁ ଦିଆଯିବା କଥା, କରାଗଲା ନାହିଁ। ବିଭିନ୍ନ ପ୍ରସଙ୍ଗକୁ ନେଇ ଆମେ ସମସ୍ତେ ଗୃହ ପରିତ୍ୟାଗ କରିଥିଲୁ। ବୈଠକରେ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ସଭ୍ୟସଭ୍ୟାମାନଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ। ତେବେ କଂଗ୍ରେସ ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟଙ୍କ ହଟ୍ଟଗୋଳ ପରେ ବୈଠକ ମଝିରେ ପ୍ରଧାନମନ୍ତ୍ରୀଙ୍କ ପାଇଁ ଶୋକ ପ୍ରସ୍ତାବ ଆଗତ କରାଯାଇ ୨ ମିନିଟ୍ ନିରବ ପ୍ରାର୍ଥନା କରାଯିବା ପରେ, ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ଏ ସମ୍ପର୍କରେ ବିଡିଓ ଦାୟିତ୍ୱରେ ଥିବା କନିକା ତହସିଲଦାର ଦେହୁରୀଙ୍କୁ ପଚାରିବାରେ ସେମାନଙ୍କ କଥା ଅନୁଯାୟୀ ପୂର୍ବ ବୈଠକର କୌଣସି କାର୍ଯ୍ୟ ନ ହେବା ନେଇ ସେମାନେ ଗୃହ ପରିତ୍ୟାଗ କରିଥିଲେ।ସମସ୍ତ ସଭ୍ୟଙ୍କୁ ଗୃହକୁ ଆସିବାକୁ ଅନୁରୋଧ କରିଥିଲୁ ନ ଆସିବାରୁ ଗୃହକାର୍ଯ୍ୟ ଆଗକୁ ନିଆଯାଇଥିଲା ବୋଲି ସେ କହିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଶୈଳ



@ ସନମ୍ୟୁତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ୪ ଦୁର୍ବୃତ୍ତ ଗିରଫ: ୨ ବାଇକ୍ ଜବତ

ଆଳି, ୩।୧ (ବନମାଳୀ ସେନାପତି): ଆଳି ଥାନା ପୋଲିସ ଗୁରୁବାର ରାତିରେ ୪ ଦୁର୍ବୃତ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ୨ଟି ବାଇକ୍ ଜବତ କରିଛି। ଆଳି ଥାନା ଅଞ୍ଚଳରେ କିଛିଦିନ ହେବ ଲୁଟେରାମାନେ ବିଭିନ୍ନ ଦୋକାନ, ଘର, ମନ୍ଦିର ଲୁଟ୍ ସହ ରାଜ ରାସ୍ତାରେ ଯାତାୟାତ କରୁଥିବା ଗାଡ଼ ଅଟକାଇ ଲୁଟ୍‌ପାଟ କରି ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ଖେଳାଇ ଦେଇଥିଲେ। ଦୁଇ ସପ୍ତାହ ପୂର୍ବେ ଆଳି ପୋଲିସ ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଶୁକ୍ରବାର ୪ଜଣଙ୍କୁ କୋର୍ଟ ଚାଲାଣ କରିଛି। ଗିରଫ ୪ ଦୁର୍ବୃତ୍ତ ହେଲେ ଆଳି ଥାନା ଅନ୍ତର୍ଗତ ସିଙ୍ଗିରର ବିଜୁଆ ମଳିକ, ରାଜକିଶୋର ମଳିକ, ବିଶ୍ୱନାଥ ମଳିକ, ବିକ୍ରମ ମଳିକ ବୋଲି ସୂଚନା ମିଳିଛି। ଗୁରୁବାର ସିଙ୍ଗିରିରେ ଏକ ମଇଁଷି ଚରାଳିଙ୍କୁ ବିଜୁଆ ନିସ୍ଚୁକ ମାଡ଼ ମାରି ଲହୁଲୁହାଣ କରି ଦେଇଥିଲେ। ଏହି ଅଭିଯୋଗ ପାଇ ଗୁରୁବାର ରାତିରେ ପୋଲିସ ଏକ ଟିମ୍ ଗଠନ କରି ବିଜୁଆ ସମେତ ସମସ୍ତଙ୍କୁ ଗିରଫ କରିଥିଲା।

## ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ହସ୍ପିଟାଲ

ପଟ୍ଟାମୁଣ୍ଡାଇ, ୩।୧ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ହସ୍ପିଟାଲରେ ଏମ୍ଏନ୍ ହାଇସ୍କୁଲ ଏନ୍‌ସିସି କ୍ୟାଡେଟଙ୍କ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ସବ୍‌ଡିଭିଜନ ହସ୍ପିଟାଲ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ନିରାକାର ପରିଡା ଉଦ୍‌ଘାଟନ କରିଥିଲେ। ପଟ୍ଟାମୁଣ୍ଡାଇ ଏମ୍ଏନ୍ ହାଇସ୍କୁଲ ଏନ୍‌ସିସି କାଡେଟମାନଙ୍କ ଦ୍ୱାରା ହସ୍ପିଟାଲ ପରିସର ସଫେଇ ସହ ଏକ ପରିବେଶ ସଚେତନତା ଅଭିଯାନ କରାଯାଇଥିଲା। ଏମ୍ଏନ୍ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଜୟ କୁମାର ରାଉତରାୟଙ୍କ ନିର୍ଦ୍ଦେଶରେ ଏନ୍‌ସିସି ଅଫିସର ସରୋଜ କୁମାର ସ୍ୱାଇଁ, ଖେଳ ଶିକ୍ଷକ ଶଶାଙ୍କ ଶେଖର ସାହୁ ଓ ହାଇସ୍କୁଲର ସାଂସ୍କୃତିକ ସଂଯୋଜିକା ଅନିତା ଧଳଙ୍କ ନେତୃତ୍ୱରେ ୫୦ଜଣ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି )କ୍ୟାଡେଟ ଭାଗ ନେଇ ହସ୍ପିଟାଲ ପରିସର ସଫେଇ କରିବା ସହ ସ୍ୱଚ୍ଛତା ହି ସେବା, ସ୍ୱଚ୍ଛ ପରିବେଶ ସୁସ୍ଥ ଜୀବନ ପ୍ରଭୃତି ସ୍ଲୋଗାନ ଦେଇ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏହି ଉପଲକ୍ଷେ ପରିବେଶ ସ୍ୱଚ୍ଛ ରଖିଲେ ରୋଗ ଦୂର ହୋଇ ଏକ ନିରୋଗ ସୁସ୍ଥ ସମାଜ ଗଠନ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସ୍ଥିତ ସମସ୍ତ ଏନ୍‌ସିସି କ୍ୟାଡେଟ, ଶିକ୍ଷକ ଓ ହସ୍ପିଟାଲ କର୍ମଚାରୀମାନେ ପରିବେଶକୁ ସର୍ବଦା ସଫା ରଖିବା ଓ ପ୍ଲାଷ୍ଟିକ, ପଲିଥିନ ବର୍ଜନ କରିବା ପାଇଁ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ପିଏଚଓ ନୃସିଂହ ଚରଣ ଦାସ, ବିପିଏମ୍ ପ୍ରଶାନ୍ତ କୁମାର ଜେନା ଓ ଚିତ୍ତରଞ୍ଜନ ଚାନ୍ଦ ପ୍ରମୁଖ ପରିଚାଳନା କରିଥିଲେ।



























